ମେ ୨୫ - ୩୧, ୨୦୨୫

ରବିବାର ସିନ୍ଦୁରା
ସକାଳ
THE SAKALA

- ଶ୍ରୀଜଗନ୍ନାଥ ସଂସ୍କୃତିରେ ଗ୍ରୀଷ୍ମ ମହୋତ୍ସବ
- ଦାରୁବ୍ରହ୍ମଙ୍କ ସ୍ନାନ ଯାତ୍ରା
- ଶ୍ରୀକ୍ଷେତ୍ରରେ ଶୀତଳଷଷ୍ଠୀ
- ଶ୍ରୀକ୍ଷେତ୍ରରେ ଚନ୍ଦନୋତ୍ସବ
- ଚନ୍ଦନ ଯାତ୍ରାରେ ପଞ୍ଚ ମହାଦେବ



# ଶ୍ରୀକ୍ଷେତ୍ରରେ 'ଗ୍ରୀଷ୍ମ' ଉତ୍ସବ



ଜଗତର ନାଥ ଶ୍ରୀଜଗନ୍ନାଥ । ସେ ଲୀଳାମୟ ଠାକୁର । ବଡ଼ ବିଚିତ୍ର ତାଙ୍କ ମାନବୀୟ ଲୀଳା । ବେଶ୍ ଅପୂର୍ବ ଶ୍ରୀବିଗ୍ରହଙ୍କ ନୀତିକାନ୍ତି । ନିଆରା ଶ୍ରୀମନ୍ଦିରର ରୀତିନୀତି । ଶ୍ରୀଜଗନ୍ନାଥଙ୍କୁ ନେଇ ରହିଛି କେତେ କାହାଣୀ, କେତେ କିମ୍ବଦନ୍ତୀ । ବର୍ଷ ତମାମ ଶ୍ରୀକ୍ଷେତ୍ରରେ ଚାଲିଥାଏ ବିଭିନ୍ନ ପର୍ବପର୍ବାଣି, ଉତ୍ସବ, ଯାନିଯାତ୍ରା । ତେବେ ଗ୍ରୀଷ୍ମ ଋତୁରେ ପାଳିତ ହୋଇଥାଏ କେତୋଟି ଯାତ୍ରା । ଯାହା ବେଶ୍ ମହତ୍ତ୍ୱପୂର୍ଣ୍ଣ । ଯଦିଓ ବୈଶାଖ ଓ ଜ୍ୟେଷ୍ଠ ମାସକୁ ନେଇ ଗ୍ରୀଷ୍ମ ଋତୁ । ତା'ପୂର୍ବରୁ ମଧ୍ୟ କେତେକ ପର୍ବ ପଳିତ ହୋଇଥାଏ । ଏହି ସମୟରେ ଚଳଚଞ୍ଚଳ ହୋଇଉଠେ ଶ୍ରୀକ୍ଷେତ୍ର ପୁରୀ । ଅକ୍ଷୟ ତୃତୀୟା, ନୃସିଂହ ଜନ୍ମ, ଚନ୍ଦନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ଶୀତଳ ଷଷ୍ଠୀ, ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ବିଭିନ୍ନ ପର୍ବପର୍ବାଣି, ଯାତ୍ରାକୁ ନେଇ ଗ୍ରୀଷ୍ମ ଋତୁରେ ଉତ୍ସବ ମୁଖର ହୋଇଉଠିଥାଏ ଶ୍ରୀକ୍ଷେତ୍ର ଧାମ ।

ସ୍ନାନୋତ୍ସବ ହେଉ କି ଚନ୍ଦନୋତ୍ସବ ଅବା ଶୀତଳ ଷଷ୍ଠୀ । ଏହି ଯାତ୍ରାଗୁଡ଼ିକ ହେଉଛି ମହାପ୍ରଭୁଙ୍କ ମାନବୀୟ ଲୀଳାର ଗୋଟିଏ ଗୋଟିଏ ଅପୂର୍ବ ନିଦର୍ଶନ । ମହାପ୍ରଭୁଙ୍କ ପ୍ରତି ସମର୍ପିତ ଭାବ ହିଁ ଭକ୍ତଙ୍କୁ ଟାଣି ଆଣେ ଏହି ପବିତ୍ର କ୍ଷେତ୍ରକୁ । ଗ୍ରୀଷ୍ମର ପ୍ରଚଣ୍ଡ ତାତିରେ ମଧ୍ୟ ରଥ କାଠ ନିର୍ମାଣରେ ଲାଗିଥାନ୍ତି ମହାରଣା, କମାର, ଚିତ୍ରକାର, ରୂପକାର, ଦରଜୀ ସେବକମାନେ । ମହାପ୍ରଭୁଙ୍କ କାର୍ଯ୍ୟରେ ଡହ ଡହ ଖରା ବି ଜଣାପଡ଼େ ନାହିଁ । ଭକ୍ତି ଭାବନା ନେଇ ଉତ୍ସର୍ଗୀ ଭାବେ ରଥ ନିର୍ମାଣରେ ସମସ୍ତେ ଲାଗି ପଡ଼ିଥାନ୍ତି । ସେପଟେ ସ୍ନାନ ପୂର୍ଣ୍ଣିମାରେ ଶ୍ରୀଜୀଉମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରନ୍ତି । ସେଭଳି ଚନ୍ଦନ ଯାତ୍ରା ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଶ୍ରୀଜୀଉମାନଙ୍କ ଏହି ସବୁ ଯାତ୍ରା ଦର୍ଶନ କରି ଭକ୍ତ ପାଏ ଅପାର ମାନସିକ ଶାନ୍ତି ଓ ଆନନ୍ଦ, ହୃଦୟରେ ଅନୁଭବ କରେ ପବିତ୍ରତା । ଏହି ପରିପ୍ରେକ୍ଷୀରେ ଗ୍ରୀଷ୍ମ ଋତୁରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ କେତେକ ପର୍ବପର୍ବାଣି, ଯାତ୍ରାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା:

# ଶ୍ରୀକ୍ଷେତ୍ରରେ 'ଗ୍ରୀଷ୍ମ' ଉତ୍ସବ

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ କୋର୍ଟକଚେରି ମାମଲାରେ ବ୍ୟସ୍ତ ରହିବେ । ବ୍ୟବସାୟରେ ଲାଭବାନ ହେବେ । ଆତ୍ମବିଶ୍ୱାସର ସହିତ କାର୍ଯ୍ୟ କରିବେ । ବୁଧ, ଗୁରୁବାରରେ ବାଦବିବାଦ ପରିସ୍ଥିତିରୁ ଦୂରେଇ ରୁହନ୍ତୁ । ଶୁକ୍ର, ଶନିବାରରେ ମହିଳାମାନେ ଆତ୍ମନିର୍ଭଶୀଳ ହେବେ । ନୂତନ ନିବେଶରୁ ନିବୃତ୍ତ ରୁହନ୍ତୁ ।

**ବୃଷ**
ରବି,ସୋମ,ମଙ୍ଗଳବାରରେ ଅତ୍ୟଧିକ ପରିଶ୍ରମ କରି ଥକ୍କା ଅନୁଭବ କରିବେ । ଜୀବନରେ ନୂତନ ପରିବର୍ତ୍ତନ ଆସିପାରେ । ବରିଷ୍ଠ ଅଧିକାରୀଙ୍କ ସହ ମିଳାମିଶା ବଢ଼ିବ । ବୁଧ, ଗୁରୁବାରରେ ଆର୍ଥିକ କ୍ଷେତ୍ରରେ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ ପଡ଼ୋଶୀଙ୍କ ସହ ତିକ୍ତତା ଦେଖାଦେଇପାରେ ।

**ମିଥୁନ**
ରବି,ସୋମ,ମଙ୍ଗଳବାରରେ ଭାଇଭଉଣୀଙ୍କ ସହଯୋଗ ପାଇବେ । କର୍ମକ୍ଷେତ୍ରରେ ହତୋତ୍ସାହ ହେବେ । ଗୁରୁଜନ ଅସୁସ୍ଥ ହୋଇପାରନ୍ତି । ବୁଧ, ଗୁରୁବାରରେ ବ୍ୟବସାୟରେ ବିଶେଷ ଲାଭ ରହିବ ନାହିଁ । ଶୁକ୍ର, ଶନିବାରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଦାମ୍ପତ୍ୟ ଜୀବନରେ ମତଭେଦ ଦେଖାଦେଇପାରେ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ନିଜର ଦୁର୍ବଳତାକୁ ସବଳତାରେ ପରିଣତ କରିବେ । ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବେ । ମନର ଭାବନାକୁ ପରିପ୍ରକାଶ କରି ସନ୍ତୋଷ ଅନୁଭବ କରିବେ । ବୁଧ, ଗୁରୁବାରରେ ଭାଇଭଉଣୀଙ୍କ ଦାୟିତ୍ୱ ନେବେ । ଶୁକ୍ର, ଶନିବାରରେ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନିଅନ୍ତୁ ।

**ସିଂହ**
ରବି,ସୋମ,ମଙ୍ଗଳବାରରେ ସମସ୍ୟାର ସମାଧାନ ହେବ । ଘରକୁ ବନ୍ଧୁବାନ୍ଧବଙ୍କ ଆଗମନ ହେବ । ଘରୋଇ ଦାୟିତ୍ୱ ବଢ଼ିବ । ବୁଧ, ଗୁରୁବାରରେ କାହାରି ସାହାଯ୍ୟ ପାଇବେ । ଶୁକ୍ର, ଶନିବାରରେ ଅଯଥା ଖର୍ଚ୍ଚରେ ପଡ଼ିପାରନ୍ତି । ନୂତନ ନିବେଶ କରନ୍ତୁ ନାହିଁ ।

**କନ୍ୟା**
ରବି,ସୋମ,ମଙ୍ଗଳବାରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ସକାରାତ୍ମକ ଭାବନା ରଖିବେ । ଦ୍ୱନ୍ଦ୍ୱରେ ପଡ଼ିଯାଇ ପାରନ୍ତି । ବୁଧ,ଗୁରୁବାରରେ ସାଙ୍ଗସାଥୀଙ୍କ ସହ ସମୟ ବିତିବ । ଶୁକ୍ର, ଶନିବାରରେ ଆର୍ଥିକ ସ୍ଥିତିରେ ସୁଧାର ଆସିବ । କଠିନ ପରିଶ୍ରମ କରି ଥକ୍କା ଅନୁଭବ କରିବେ ।

**ତୁଳା**
ରବି,ସୋମ,ମଙ୍ଗଳବାରରେ ସବୁ କାର୍ଯ୍ୟକୁ ଧ୍ୟାନର ସହ କରନ୍ତୁ । ଅଯଥା ଖର୍ଚ୍ଚରୁ ନିବୃତ୍ତ ରୁହନ୍ତୁ । ଗୁରୁଜନଙ୍କ କଥାକୁ ଧ୍ୟାନ ଦିଅନ୍ତୁ । ବୁଧ, ଗୁରୁବାରରେ ପରିବାରରେ ତିକ୍ତତା ଦେଖା ଦେଇପାରେ । ଶୁକ୍ର, ଶନିବାରରେ ମନର କଥାକୁ ପରିପ୍ରକାଶ କରିବେ । ଭବିଷ୍ୟତ ପାଇଁ ଯୋଜନା କରି ଚିନ୍ତିତ ହେବେ ।

**ବିଛା**
ରବି,ସୋମ,ମଙ୍ଗଳବାରରେ ଅଟକି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । ହାରୁଥିବା ବାଜି ଜିତିଯିବେ । କ୍ୟାରିୟରରେ ଉନ୍ନତି ଘଟିବ । ବୁଧ,ଗୁରୁବାରରେ ପରିବାରବର୍ଗଙ୍କ ସହ ସୁଖପୂର୍ଣ୍ଣ ଭ୍ରମଣଯୋଗ ରହିଛି । ଶୁକ୍ର, ଶନିବାରରେ ଆଶା କରୁଥିବା ଦିଗରୁ ଫଳ ପାଇବେ । ନୂତନ କାର୍ଯ୍ୟ କରି ସଫଳତା ପାଇବେ ।

**ଧନୁ**
ଧନୁ: ରବି, ସୋମ, ମଙ୍ଗଳବାରରେ ବନ୍ଧୁବାନ୍ଧବଙ୍କୁ ସାହାଯ୍ୟ କରିପାରନ୍ତି । ନୂତନ ବସ୍ତୁ କିଣିପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ବୁଧ, ଗୁରୁବାରରେ ପରିବାରରେ ତର୍କବିତର୍କ ହୋଇପାରେ । ଶୁକ୍ର, ଶନିବାରରେ କାର୍ଯ୍ୟଭାର ଅଧିକ ରହିବ । ସାଙ୍ଗସାଥୀଙ୍କ ସହ ଭଲରେ ସମୟ କଟାଇବେ ।

**ମକର**
ରବି,ସୋମ,ମଙ୍ଗଳବାରରେ ପାରିବାରିକ ସହଯୋଗ ପାଇବେ । କୌଣସି କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । କର୍ମକ୍ଷେତ୍ରର ସୁଫଳ ପାଇବେ । ବୁଧ, ଗୁରୁବାରରେ ଭାଇଭଉଣୀଙ୍କ ସହ ଭଲ ସମୟ କଟିବ । ଶୁକ୍ର, ଶନିବାରରେ ସନ୍ତାନସନ୍ତତିଙ୍କ ସ୍ୱାସ୍ଥ୍ୟ ଭଲ ରହିବ । ନୂତନ ବସ୍ତୁ କ୍ରୟ କରିପାରନ୍ତି ।

**କୁମ୍ଭ**
ରବି,ସୋମ,ମଙ୍ଗଳବାରରେ ଉଦାସୀନ ରହିବେ । ଅସୁସ୍ଥ ମନେ କରିପାରନ୍ତି । ଅନ୍ୟକୁ ସାହାଯ୍ୟ କରି ସନ୍ତୋଷ ପାଇବେ । ବୁଧ, ଗୁରୁବାରରେ ସାଙ୍ଗସାଥୀଙ୍କ ସହ ଦୂରଯାତ୍ରା କରିପାରନ୍ତି । ଶୁକ୍ର, ଶନିବାରରେ ଅଯଥା ଖର୍ଚ୍ଚରୁ ନିବୃତ୍ତ ରୁହନ୍ତୁ । ପ୍ରେମ ଓ ଦାମ୍ପତ୍ୟ ଜୀବନ ସୁଖମୟ ରହିବ ।

**ମୀନ**
ରବି, ସୋମ, ମଙ୍ଗଳବାରରେ ନୂତନ ରୋଜଗାର ସୁଯୋଗ ପାଇବେ । କର୍ମକ୍ଷେତ୍ରରେ ହତୋତ୍ସାହ ହେବେ । ଆତ୍ମବିଶ୍ୱାସର ସହ କାର୍ଯ୍ୟ କରି ସଫଳତା ପାଇବେ । ବୁଧ, ଗୁରୁବାରରେ ସନ୍ତାନସନ୍ତତିଙ୍କ ପାଇଁ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ ବ୍ୟବସାୟରୁ ବିଶେଷ ଲାଭ ମିଳିବ ନାହିଁ । ପାରିବାରିକ ସହଯୋଗ ପାଇବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

ସକାଳ THE SAKALA ସିନ୍ଦୁର













ଫଟୋ: ଅମନ, ପୁରୀ

# ଶ୍ରୀଜଗନ୍ନାଥ ସଂସ୍କୃତିରେ ଗ୍ରୀଷ୍ମ ମହୋତ୍ସବ



ଡକ୍ଟର ଅଭିମନ୍ୟୁ ବରାଳ

*"ସଚ୍ଚିଦାନନ୍ଦ କନ୍ଦାୟ ପ୍ରଣତାର୍ତ୍ତୀ ହରାୟଚ
ନୀଳାଚଳ ନିବାସାୟଃ ଜଗନ୍ନାଥାୟତେ ନମଃ ।।"*

ନୀଳାଦ୍ରି ବିହାରୀ ଶ୍ରୀଜଗନ୍ନାଥ ହେଉଛନ୍ତି ଲୀଳାମୟ। ଦେବତା ହୋଇ ମଧ୍ୟ ତାଙ୍କ ଲୀଳାରେ ସମସ୍ତ ମାନବୀୟ ଉତ୍ତରଣ ସୁସ୍ପଷ୍ଟ। ଶ୍ରୀମନ୍ଦିରରେ ପାଳିତ ନାନା ପର୍ବପର୍ବାଣି ଓ ଓଷାବ୍ରତରେ ଏ ସବୁ ଦେଖିବାକୁ ମିଳିଥାଏ। ସବୁ ଋତୁରେ ମହାପ୍ରଭୁ ଭିନ୍ନ ଭିନ୍ନ ଲୀଳା ପ୍ରକାଶ କରିଥାନ୍ତି। ପ୍ରଭୁଙ୍କ ଲୀଳା ହିଁ ମହାନ ଉତ୍ସବରେ ପରିଣତ ହୋଇଥାଏ। ଗ୍ରୀଷ୍ମ ଅବକାଶରେ ପ୍ରଭୁଙ୍କ ସମସ୍ତ ଲୀଳା ବେଶ୍ ଆନନ୍ଦ ଦେଇଥାଏ। ବୈଶାଖ ଜ୍ୟେଷ୍ଠ ଦୁଇ ମାସ ଯଦିଓ ଗ୍ରୀଷ୍ମ ଋତୁ ତଥାପି ତତ୍ ପୂର୍ବରୁ ଗ୍ରୀଷ୍ମ ଲୀଳାର ଆୟମାରମ୍ଭ ଘଟିଥାଏ। ଗ୍ରୀଷ୍ମ ସମୟ ଆସିଲେ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇ ଉଠେ। ଶ୍ରୀକ୍ଷେତ୍ରରେ ଅବସ୍ଥିତ ସାହିବସ୍ତିଗୁଡ଼ିକରେ ସାହିଯାତ୍ରା ପ୍ରଭୃତି ଗ୍ରୀଷ୍ମ ସମୟରେ ମହାସମାରୋହରେ ପାଳିତ ହୋଇଥାଏ।



## ଉତ୍ସବ ମୁଖର ଶ୍ରୀକ୍ଷେତ୍ର

ମହାବିଷୁବ ଯାତ୍ରା ବା ପାଣ ସଂକ୍ରାନ୍ତି ଓଡ଼ିଆ ନବବର୍ଷ ଭାବରେ ପାଳିତ ହୁଏ। ଏହି ଦିନ ଶ୍ରୀ ଶ୍ରୀହନୁମାନଙ୍କ ଜୟନ୍ତୀ ପାଳିତ ହୋଇଥାଏ। ଶ୍ରୀମନ୍ଦିରରେ ଏହାକୁ ମହାବିଷୁବ ଯାତ୍ରା ଭାବରେ ମହା ଆଡ଼ମ୍ବରରେ ପାଳନ କରାଯାଏ। ଶ୍ରୀନୃସିଂହ ଚତୁର୍ଦ୍ଦଶୀ ଦିନ ଭଗବାନ ନୃସିଂହଙ୍କ ଜନ୍ମ ମହୋତ୍ସବ ଏକ ଭବ୍ୟ ସମାରୋହରେ ପାଳିତ ହୁଏ। ଶ୍ରୀନୃସିଂହ ହେଉଛନ୍ତି ଶ୍ରୀକ୍ଷେତ୍ରର ଆଦ୍ୟ ଦେବତା। ଶ୍ରୀଜଗନ୍ନାଥଙ୍କ ପୂର୍ବରୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଯଜ୍ଞ ନୃସିଂହଙ୍କୁ ପ୍ରତିଷ୍ଠା କରିଥିଲେ। ତା'ପରେ ଆଡ଼ପ ମଣ୍ଡପରେ ଜଗନ୍ନାଥଙ୍କ ଦାରୁ ବିଗ୍ରହ ନିର୍ମାଣ କରାଗଲା। ଶ୍ରୀଗୁଣ୍ଡିଚା ଘରକୁ ଲାଗି ଶ୍ରୀନୃସିଂହ ଭଗବାନଙ୍କ ମନ୍ଦିର ଏବେ ମଧ୍ୟ ବିଦ୍ୟମାନ। ଚନ୍ଦନ ଯାତ୍ରା ସମୟରେ ଭକ୍ତମାନେ ମହାପ୍ରଭୁଙ୍କ ସହିତ ନରେନ୍ଦ୍ର ସରୋବରରେ ସ୍ନାନ କରି ବେକରେ ମଲ୍ଲୀ ମାଳ ପକାଇ ମହାପ୍ରଭୁଙ୍କ ମଣି ବିମାନ ସହିତ ଯାତ୍ରା କରିବା ଦୃଶ୍ୟ ଅତ୍ୟନ୍ତ ମନୋରମ। ଶ୍ରୀଜୀଉଙ୍କ ଛଡ଼ା ଚନ୍ଦନକୁ ଦେହରେ ବୋଳି ହୋଇ ମଲ୍ଲୀ, ଚମ୍ପା ମାଳକୁ ବେକରେ ଲମ୍ବାଇ ଆସିବାର ଦୃଶ୍ୟ କିଏ ବା ଭୁଲି ପାରିବ?

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଲୀଳା ବିଧୃତ କଳେବର ଧାରଣ କରି ନୀଳାଚଳରେ ଅଧିଷ୍ଠିତ ହୋଇଛନ୍ତି। ତାଙ୍କ ଅପୂର୍ବ ଲୀଳା ମାଧୁରୀର ପଟ୍ଟାନ୍ତର ନାହିଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବାର ମାସରେ ତେର ଯାତ୍ରା ବୋଲି ଭକ୍ତମାନେ କହିଥାନ୍ତି। କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ଅତ୍ୟନ୍ତ ବୈଶିଷ୍ଟ୍ୟ ବହନ କରେ। ଶାସ୍ତ୍ରୋକ୍ତ ଦ୍ୱାଦଶ ଯାତ୍ରା ହେଲା-

*"ମଞ୍ଚସ୍ନାନଂ ରଥବର ଗତିଃ ଶୟନଂ ଚୟନେ ଦ୍ୱେ
ପାର୍ଶ୍ୱ ବୃତ୍ତିଃ ଶାୟନ ନିବୃତ୍ତିଃ ପ୍ରାବୃତ୍ତୌ ପୁଷ୍ୟପୂଜା ।।
ଦୋଳ ଯାତ୍ରା ଦମନଙ୍କ ମହୋତାକ୍ଷ ପୂଜା ତୃତୀୟା
ଚେଙ୍କ ଯାତ୍ରା ବିଧି ନିଗଦିତା ଦ୍ୱାଦଶୈତା ନରେନ୍ଦ୍ର ।।"*

ଅର୍ଥାତ୍ – "ସ୍ନାନ ଯାତ୍ରା, ରଥ ଯାତ୍ରା, ଶୟନ ଯାତ୍ରା। ଦକ୍ଷିଣାୟନ ଯାତ୍ରା, ପାର୍ଶ୍ୱ ପରିବର୍ତ୍ତନ, ଉତ୍ଥାପନ, ପ୍ରାବରଣ ଷଷ୍ଠ, ପୁଷ୍ୟ ପୂଜା, ଉତ୍ତରାୟଣ ଯାତ୍ରା, ଦୋଳ ଯାତ୍ରା, ଦମନକ ଚତୁର୍ଦ୍ଦଶୀ, ଅକ୍ଷୟ ତୃତୀୟା ବା ଚନ୍ଦନ ଯାତ୍ରା।"

ଜଗନ୍ନାଥ ହେଉଛନ୍ତି ରସରାଜ, ରସିକ ଶେଖର, ଷଡ଼ ଋତୁରେ ଭିନ୍ନ ଭିନ୍ନ ଉତ୍ସବ ପ୍ରବୃତ୍ତ ହୁଅନ୍ତି। ଗ୍ରୀଷ୍ମ ଋତୁରେ ଗ୍ରୀଷ୍ମ ମହୋତ୍ସବ ଭିତରେ ଅକ୍ଷୟ ତୃତୀୟା, ଚନ୍ଦନ ଯାତ୍ରା, ଶୀତଳ ଷଷ୍ଠୀ ଓ ସ୍ନାନ ଯାତ୍ରା ଅନ୍ତର୍ଭୁକ୍ତ। ଜଣେ ଭକ୍ତ କହିଛନ୍ତି- "ଯେତେ ଦିନ ରହିଥିବେ ପ୍ରଭୁ ଜଗନ୍ନାଥ। ବାରମାସୀ ଷୋଳ ଘଡ଼ି ଲାଗିଥିବ ଯାତ।"







## ଚନ୍ଦନ ଯାତ୍ରା

ଏବେ ଜାଣିବା ଚନ୍ଦନ ଯାତ୍ରାର ତାତ୍ପର୍ଯ୍ୟ କ'ଣ? ଏ ଚନ୍ଦନ ଯାତ୍ରା ସହିତ ଶ୍ରୀଜୀଉମାନଙ୍କର କି ସଂପର୍କ ରହିଛି ? ବୈଶାଖ ମାସର ପ୍ରଚଣ୍ଡ ରୌଦ୍ରତାପ ତଥା ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ମନୁଷ୍ୟମାନେ ଅନେକ ଶୀତଳ ଉପଚାର ବ୍ୟବସ୍ଥା କରିଥାନ୍ତି । ଠିକ୍ ସେହିପରି ମାନବୀୟ ଲୀଳ କରୁଥିବା ଶ୍ରୀଜଗନ୍ନାଥ ମଧ୍ୟ ଶୀତଳ ଉପଚାରର ଅବଲମ୍ବନ ପୂର୍ବକ ମାନବୀୟ ଲୀଳାର ଯଥାର୍ଥତା ପ୍ରତିପାଦନ କରନ୍ତି । ଶୀତଳ ଉପଚାର ମଧ୍ୟରେ ଶ୍ରୀଜୀଉମାନେ ଚନ୍ଦନ ଲେପନ, କର୍ପୂର ଜଳ ବ୍ୟବହାର, ନୌକା ବିହାର, ଶୀତଳ ମୋଣୋହି, ଜଳକ୍ରୀଡ଼ା ଆଦି କରିଥାନ୍ତି । "ଯଥା ଦେହେ ତଥା ଦେବେ ।" ମନୁଷ୍ୟ ଜୀବନରେ ଯାହା ସତ୍ୟ, ଜଗନ୍ନାଥଙ୍କ ମାନବୀୟ ଉତ୍ତରଣ ସ୍ପଷ୍ଟ ପ୍ରତୀୟମାନ ହୁଏ । ମହାପ୍ରଭୁ ଶଯ୍ୟା ତ୍ୟାଗଠାରୁ ପହୁଡ଼ ପର୍ଯ୍ୟନ୍ତ ସେ ମାନବୀୟ ଲୀଳା କରିଥାନ୍ତି । ଗୋସ୍ୱାମୀ ଜୟଦେବଙ୍କ ଭାଷାରେ ସେ "ଚନ୍ଦନ ଚର୍ଚ୍ଚିତ ନୀଳ କଳେବର ପୀତବସନ ବନମାଳୀ ।" ଚନ୍ଦନ ଲେପନ ଚନ୍ଦନ ଜଳରେ ସ୍ନାନ, ନୌକା ବିହାର ତଥା ଜଳକ୍ରୀଡ଼ା ଦ୍ୱାରା ଶ୍ରୀଜୀଉଙ୍କ ଶ୍ରୀଅଙ୍ଗକୁ ଶୀତଳତା ପ୍ରଦାନ କରିବା ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ କହିଲେ ସତ୍ୟର ଅପଳାପ ହେବ ନାହିଁ ।

ଦ୍ୱାଦଶ ଯାତ୍ରା ମଧ୍ୟରେ ଚନ୍ଦନ ଯାତ୍ରା ଏକ ବିଶିଷ୍ଟ ତଥା ଦୀର୍ଘତମ ଯାତ୍ରା । ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ଦୀର୍ଘ ୪୨ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ । ପ୍ରଥମ ୨୧ ଦିନ ବାହାର ଚନ୍ଦନ ଓ ଶେଷ ୨୧ ଦିନ ଭିତର ଚନ୍ଦନ ଭାବରେ ପାଳିତ ହୁଏ ।

ପୌରାଣିକ ମତାନୁସାରେ ଏହି ଯାତ୍ରା 'ଗନ୍ଧ ଯାତ୍ରା' ଭାବେ ମଧ୍ୟ ପରିଚିତ ।

ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରାର ପରମ୍ପରା ଅତ୍ୟନ୍ତ ପ୍ରାଚୀନ । ଶ୍ରୀଧାମ ପୁରୀର ଚନ୍ଦନ ଯାତ୍ରା କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବର୍ଷରେ ଏହା ମହାନ ଉତ୍ସବ ଭାବରେ ସୁପରିଚିତ । ରଥ ଯାତ୍ରା ଭଳି ଚନ୍ଦନ ଯାତ୍ରାରେ ଜନସାଧାରଣ ବହୁଳ ଭାବରେ ଯୋଗଦାନ କରିଥାନ୍ତି । କାରଣ ଶାସ୍ତ୍ରରେ କୁହାଯାଇଛି:-

*"ଦୋଳେଚ ଡୋଳ ଗୋବିନ୍ଦଂ ଚାପେଚ ମଧୁସୂଦନମ୍*
*ରଥେତ୍ର ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନବିଦ୍ୟତେ ।।"*

ଅର୍ଥାତ୍- ଦୋଳ ମଣ୍ଡପରେ ଦୋଳ ଗୋବିନ୍ଦଙ୍କ, ଚନ୍ଦନ ଚାପ ଉପରେ ମଧୁସୂଦନଙ୍କୁ ଏବଂ ରଥାରୁଢ଼ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ବାମନ ରୂପରେ ଦର୍ଶନ କଲେ ମୁକ୍ତି ମିଳେ । ତେଣୁ ଭକ୍ତିରେ ଲୋକମାନେ ଏହି ଯାତ୍ରାକୁ ଦର୍ଶନ କରି ନିଜକୁ ପାପ ମୁକ୍ତ କରି ଧନ୍ୟ ହୁଅନ୍ତି ।

ଅକ୍ଷୟ ତୃତୀୟାଠାରୁ ୨୧ ଦିନ ପର୍ଯ୍ୟନ୍ତ ବାହାର ଚନ୍ଦନ ଅନୁଷ୍ଠିତ ହୁଏ । ଏହି ବାହାର ଚନ୍ଦନରେ ଶ୍ରୀବିଗ୍ରହମାନଙ୍କର ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠିତ ପଞ୍ଚ ମହାଦେବ ଯଥା- ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଏବଂ ଶ୍ରୀନୀଳକଣ୍ଠ ଏକ ଏକ ସ୍ୱତନ୍ତ୍ର ବିମାନରେ ଚନ୍ଦନ ଯାତ୍ରା ନୌବିହାରରେ ଅଂଶ ଗ୍ରହଣ କରନ୍ତି । ଏହି ପଞ୍ଚ ମହାଦେବଙ୍କୁ ପଞ୍ଚ ପାଣ୍ଡବ ବୋଲି ମଧ୍ୟ କୁହାଯାଏ ।

ଅକ୍ଷୟ ତୃତୀୟ ଦିନ ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉମାନଙ୍କ ଚଳନ୍ତି ପ୍ରତିମା ଚାପ ଖେଳିବା ପାଇଁ ନରେନ୍ଦ୍ର ପୁଷ୍କରିଣୀକୁ ବାହାରନ୍ତି । ମଣି ବିମାନରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ କରନ୍ତି । ଏକ ସୁସଜ୍ଜିତ ପାଲିଙ୍କିରେ ରାମକୃଷ୍ଣ ବିରାଜମାନ କରନ୍ତି ଏବଂ ପଞ୍ଚ ମହାଦେବ ସ୍ୱତନ୍ତ୍ର ପାଞ୍ଚୋଟି ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରନ୍ତି । ପରମ୍ପରା ଅନୁଯାୟୀ ଚନ୍ଦନ ଯାତ୍ରାରେ ସାଧାରଣତଃ ମଣି ବିମାନକୁ ବହନ କରିବା ପାଇଁ ବାର ଜଣ ବିମାନବଡୁ ସେବକ ନିଯୁକ୍ତ ହୋଇଥାନ୍ତି । ରାମକୃଷ୍ଣଙ୍କ ବିଜେ ପାଇଁ ସୁସଜ୍ଜିତ ପାଲିଙ୍କି ନିମନ୍ତେ ୬ ଜଣ ବିମାନବଡୁ ସେବକ ନିୟୋଜିତ ହୋଇଥାନ୍ତି । ଏହି ବିମାନବଡୁ ସେବକମାନେ ବ୍ରାହ୍ମଣ ସେବକ ଅଟନ୍ତି ।

ଦିଅଁମାନେ ସ୍ୱ ସ୍ୱ ବିମାନରେ ନରେନ୍ଦ୍ର ସରୋବରକୁ ବିଜେ କରିବା ସମୟରେ ପୁରୀର ସ୍ଥାନୀୟ ଅଧିବାସୀ ତଥା ପଞ୍ଚକୋଶୀର ଜନସାଧାରଣ ଯୋଗଦାନ କରିଥାନ୍ତି । ସେମାନଙ୍କ ମଧ୍ୟରୁ କେହି କେହି ସ୍ନାନ ମଧ୍ୟ କରନ୍ତି ନରେନ୍ଦ୍ର ସରୋବରରେ । ବୈଷ୍ଣବ ସଂପ୍ରଦାୟର ମହନ୍ତ ଅଧିକାରୀ ଭକ୍ତବୃନ୍ଦ ନାମ ସଂକୀର୍ତ୍ତନ କରି ବିମାନର ଆଗେ ଆଗେ ମହୋଲ୍ଲାସରେ ଚାଲିଥାନ୍ତି । ଛତ୍ରି, ତ୍ରାସ, ଆଲଟ, ଚାମର ସେବା ସହିତ ବୈଷ୍ଣବମାନଙ୍କର ନର୍ତ୍ତନ ଏକ ଭବ୍ୟ ସମାରୋହ ଅପୂର୍ବ ଠାଣିରେ ବିମାନ ବାହିବାର ଦୃଶ୍ୟ ଅତ୍ୟନ୍ତ ମନୋରମ । ତେଣୁ ଜଣେ ଓଡ଼ିଆ କବି କହିଛନ୍ତି – "ଦେଖ ଗୋ ରାଧାମାଧବ ଚାଲି, ମଣି ବିମାନେ ଆସେ ଝୁଲି ଝୁଲି ।" ଏହି ଅପୂର୍ବ ଦୃଶ୍ୟ ସମସ୍ତଙ୍କୁ ବେଶ୍ ଆନନ୍ଦ ଦେଇଥାଏ ।

ଭବ୍ୟ ସମାରୋହ ମଧ୍ୟରେ ଦିଅଁମାନେ ଆସି ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଚକଡ଼ାରେ ପହଞ୍ଚିଥାନ୍ତି । ସେଠାରେ ନୌ ବିହାର ନିମନ୍ତେ 'ନନ୍ଦା' ଓ 'ଭଦ୍ରା' ନାମକ ଦୁଇଟି ଚାପ ପ୍ରସ୍ତୁତ ହୋଇଥାଏ । ଭଦ୍ରା ନାମକ ଚାପରେ ରାମକୃଷ୍ଣ ଓ ପଞ୍ଚ ମହାଦେବ ବିଜେ କରନ୍ତି । ନନ୍ଦା ନାମକ ଚାପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ କରନ୍ତି । ଚାପ ଆରୋହଣ ପରେ ନରେନ୍ଦ୍ର ସରୋବରର ଚତୁଃପାର୍ଶ୍ୱରେ ଗୋଟିଏ ଘେରା ବୁଲି ଆସନ୍ତି । ନୌବିହାର ସମୟରେ ଅନ୍ୟ ଏକ ନୌକାରେ ବଜନ୍ତରୀମାନେ ଆଗେ ଆଗେ ବାଦ୍ୟ ବାଦନ କରିଚାଲନ୍ତି । ଏହାକୁ ଦିନ ଚାପ କୁହାଯାଏ । ଦିନ ଚାପରେ ମାତ୍ର ଗୋଟିଏ ଘେରା ବୁଲିବା ପରେ ଦିଅଁମାନେ ଚନ୍ଦନ ମଣ୍ଡପ ଜଗତି ଉପରକୁ ଆସି ସେଠାରେ ଚନ୍ଦନ ଜଳକୁଣ୍ଡରେ ସ୍ନାନ କରନ୍ତି । ସ୍ନାନାନ୍ତେ ଠାକୁରମାନେ ବେଶ ହେବା ପରେ ମାଣ୍ଡୁଅ ଭୋଗ ଲାଗି ହୁଏ । ସନ୍ଧ୍ୟାରେ ରାତି ଚାପ ଆରମ୍ଭ ହୁଏ । ରାତି ଚାପରେ ତିନି ଘେରା ନୌବିହାର କରିବା ପରେ ଦିଅଁମାନେ ଶ୍ରୀମନ୍ଦିରକୁ ଫେରି ଆସନ୍ତି । ଏହାର ବିଂଶତି ଦିନରେ ଭଉଁରୀ ଅନୁଷ୍ଠିତ ହୁଏ । ଭଉଁରୀରେ ଠାକୁରେ ୨୧ ଘେରା ନୌବିହାର କରନ୍ତି । ଏହା ପରେ ଭିତର ଚନ୍ଦନ ୨୧ ଦିନ ବ୍ୟାପୀ ଅନୁଷ୍ଠିତ ହୁଏ । ଭିତର ଚନ୍ଦନରେ ଦିଅଁମାନେ ଚନ୍ଦନ ଜଳକୁଣ୍ଡରେ ସ୍ନାନ କରିବା ସହିତ ସମସ୍ତ ନୀତି ପାଳିତ ହୁଏ ।



## ଶୀତଳ ଷଷ୍ଠୀ

**ଗ୍ରୀଷ୍ମ ଋତୁରେ ଶୀତଳ ଷଷ୍ଠୀ ଶ୍ରୀମନ୍ଦିରରେ ଏକ ବିଶିଷ୍ଟ ଉତ୍ସବ । ଏହା ଜ୍ୟେଷ୍ଠ ମାସ ଶୁକ୍ଳ ଷଷ୍ଠୀ ତିଥିରେ ଅନୁଷ୍ଠିତ ହୋଇଥାଏ । ଉକ୍ତ ଦିନ ପୂର୍ବୋକ୍ତ ପଞ୍ଚ ମହାଦେବ ସ୍ୱ ସ୍ୱ ପତ୍ନୀଙ୍କ ସହିତ ବିମାନରେ ଶ୍ରୀମନ୍ଦିରକୁ ଆସନ୍ତି । ଏଠାରେ ଜଗନ୍ନାଥଙ୍କ ମଧ୍ୟସ୍ଥତାରେ ଲକ୍ଷ୍ମୀଙ୍କ ମନ୍ଦିରରେ ଶିବ ବିବାହ ଅନୁଷ୍ଠିତ ହୁଏ । ଗ୍ରୀଷ୍ମକାଳରେ ଏହି ବିବାହ ଉତ୍ସବ ବେଶ୍ ଶୀତଳତା ପ୍ରଦାନ କରୁଥିବାରୁ ଏହାର ନାଁ 'ଶୀତଳଷଷ୍ଠୀ' ।**

## ଦେବସ୍ନାନ ପୂର୍ଣ୍ଣିମା


ସ୍ନାନ ପୂର୍ଣ୍ଣିମା ବା ମଞ୍ଚସ୍ନାନ ଶ୍ରୀକ୍ଷେତ୍ରରେ ଏକ ବିଶିଷ୍ଟ ମହୋତ୍ସବ । ସ୍କନ୍ଦ ପୁରାଣ, ନୀଳାଦ୍ରି ମହୋଦୟ, ଯାତ୍ରା ଭାଗବତ, ବ୍ରହ୍ମପୁରାଣ, ପଦ୍ମପୁରାଣ ଓ ବାମଦେବ ସଂହିତା ଗ୍ରନ୍ଥରେ ଦେବସ୍ନାନ ଯାତ୍ରାର ବର୍ଣ୍ଣନା ରହିଛି । ଏହା ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୁଏ । ଏହାକୁ ଜ୍ୟେଷ୍ଠପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା କୁହାଯାଏ । ପ୍ରାଚୀନ ପୁରାଣ ଗ୍ରନ୍ଥରେ ରହିଛି-

*"ମାସି ଜ୍ୟେଷ୍ଠେଚ ସଂପ୍ରାପ୍ତେ ନକ୍ଷତ୍ରେ ଚନ୍ଦ୍ର ଦୈବତେ*
*ପୌର୍ଣ୍ଣମାସ୍ୟାଂ ତଦା ସ୍ନାନଂ ସର୍ବକାଳଂ ହରେ ଦ୍ୱିଜାଃ ।।"*

ଏହି ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜନ୍ମତିଥି ହେତୁ ତାଙ୍କର ଅଭିଷେକ ଉତ୍ସବ ପାଳନ କରାଯାଏ । ସ୍ନାନପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ସ୍ନାନମଣ୍ଡପକୁ ବିଜେ କରାଇଥାନ୍ତି । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ .କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ପ୍ରଥମ ଛାନ୍ଦରେ ସ୍ନାନଯାତ୍ରା ବର୍ଣ୍ଣନା ପ୍ରସଙ୍ଗରେ କହିଛନ୍ତି-

*"ସ୍ନାନ ଗୁଣ୍ଡିଚାଏ ବେନି ସ୍ୱୟଂ ଲୀଳା ଯାର,*
*ପତିତ ପାବନ ଅର୍ଥେ ପ୍ରାସାଦୁଁ ବାହାର ଯେ ।"*

ସ୍ନାନ ଏବଂ ଗୁଣ୍ଡିଚା ଯାତ୍ରାରେ ମହାପ୍ରଭୁ ସ୍ୱୟଂ ରତ୍ନ ସିଂହାସନରୁ ଆସି ଅବତୀର୍ଣ୍ଣ ହୁଅନ୍ତି । ରତ୍ନବେଦୀରୁ ଚାଲିଆସନ୍ତି ଭକ୍ତମାନଙ୍କ ଗହଣକୁ । ଅନ୍ୟ ସବୁ ଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଯୋଗଦାନ କରନ୍ତି । ପୂର୍ବରୁ ଅଭିମନ୍ତ୍ରିତ ୧୦୮ ଗରା ଜଳ ସୁନା ଗୋସେଇଁ ଓ ମୁଦିରସ୍ତ ସୁନା କୂଅରୁ ଆଣି ସରଘରେ ରଖିଥାନ୍ତି । ଠାକୁରମାନଙ୍କର ସ୍ନାନ ନୀତି ପୂର୍ଣ୍ଣିମା ଦିନ ପୂର୍ବାହ୍ନରେ ସମ୍ପନ୍ନ କରାଯାଏ । ଶ୍ରୀବଳଭଦ୍ରଦେବଙ୍କୁ ୩୩ କୁମ୍ଭ ଜଳ, ଜଗନ୍ନାଥଙ୍କୁ ୩୫ କୁମ୍ଭ, ଦେବୀ ସୁଭଦ୍ରାଙ୍କୁ ୨୨ କୁମ୍ଭ ଓ ସୁଦର୍ଶନଙ୍କୁ ୧୮ କୁମ୍ଭ ଜଳ ଦ୍ୱାରା ପୁରୁଷସୂକ୍ତ ମନ୍ତ୍ରରେ ସ୍ନାନ କରାଯାଏ । ପ୍ରବଳ ଗ୍ରୀଷ୍ମର ପ୍ରକୋପରୁ ରକ୍ଷା ପାଇବା ପାଇଁ ଠାକୁରମାନେ କୂପ ଜଳରେ ସ୍ନାନ କରନ୍ତି । ଦେବ, ଗନ୍ଧର୍ବ, କିନ୍ନର ପ୍ରଭୃତି ଉକ୍ତ ଦିନ ଉପସ୍ଥିତ ରହି ପ୍ରଭୁଙ୍କ ମଞ୍ଚସ୍ନାନକୁ ଦର୍ଶନ କରନ୍ତି । ବ୍ରହ୍ମାଦି ଦେବତାମାନେ ସ୍ୱର୍ଗଗଙ୍ଗାର ପାରିଜାତ ସୁଗନ୍ଧି ଜଳ ସହିତ ସ୍ନାନ କରାଇବାକୁ ଆସିଥାନ୍ତି । ସ୍ନାନ ପରେ ପ୍ରଭୁଙ୍କର ଅନ୍ୟାନ୍ୟ ନୀତି ସଂପାଦନ ହୁଏ । ଅପରାହ୍ନରେ ପ୍ରଭୁ ଗଜାନନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି । ଏହା ପଞ୍ଚ ଦେବତା ଉପାସନାର ପ୍ରତୀକ ।



ଏହା ପରେ ଘଣ୍ଟ ଘଣ୍ଟା ହୁଳହୁଳି ହରିବୋଲ ଧ୍ୱନିରେ ଶ୍ରୀବିଗ୍ରହଙ୍କୁ ଶ୍ରୀମନ୍ଦିର ନିଆଯାଏ । କିନ୍ତୁ ଅତ୍ୟଧିକ କୂପଜଳରେ ସ୍ନାନ କରିବା ଦ୍ୱାରା ପ୍ରଭୁଙ୍କୁ ଥଣ୍ଡା ହୋଇ ପ୍ରଭୁ ଜ୍ୱରରେ ଆକ୍ରାନ୍ତ ହୁଅନ୍ତି । ତେଣୁ ରତ୍ନ ସିଂହାସନକୁ ନ ଯାଇ ଅଣସର ବେଦୀ ବା ଅଣସର ପିଣ୍ଡିରେ ପ୍ରଭୁ ବିଶ୍ରାମ କରନ୍ତି । ଅଣସର ଘରେ ପ୍ରଭୁଙ୍କୁ ଜ୍ୱରଜନିତ ଅନେକ ଚିକିତ୍ସା ଉପଚାର କରାଯାଏ । ଠିକ୍ ମଣିଷ ଭଳି । ଦୀର୍ଘ ଦିନ ଗରମ ସହ୍ୟକରି ହଠାତ୍ କୂଅପାଣିରେ ଅତ୍ୟଧିକ ସ୍ନାନ କରିବା ଦ୍ୱାରା ଜ୍ୱର ହୋଇଯାଏ । ମଣିଷ ଭଳି ଜଗନ୍ନାଥ ମହାପ୍ରଭୁ ମଧ୍ୟ ମାନବୀୟ ଲୀଳା କରନ୍ତି । ଚନ୍ଦନଯାତ୍ରା ଓ ସ୍ନାନ ଯାତ୍ରା ଜଗନ୍ନାଥ ସଂସ୍କୃତିରେ ଗ୍ରୀଷ୍ମ ମହୋତ୍ସବ ବୋଲି ବିଚାର କରାଯାଏ । ■

ବର୍ଷଣା ବିହାର, ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯ ୯୩୭ ୮ ୩୫୨୩୦

# ଦାରୁବ୍ରହ୍ମଙ୍କ ସ୍ନାନ ଯାତ୍ରା

**ଶ୍ରୀଜଗନ୍ନାଥଙ୍କର ଦ୍ୱାଦଶ ପ୍ରସିଦ୍ଧ ଯାତ୍ରା ମଧ୍ୟରୁ ସର୍ବଶ୍ରେଷ୍ଠ ଯାତ୍ରା ହେଉଛି ସ୍ନାନ ଯାତ୍ରା । ପ୍ରତିବର୍ଷ ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ । ଏହି ପୂର୍ଣ୍ଣମୀ ଦିନ ସ୍ନାନ ଯାତ୍ରାଠାରୁ ଶ୍ରୀଠାକୁରମାନଙ୍କର ଯାତ୍ରା ଓ ପର୍ବପର୍ବାଣି ଆରମ୍ଭ ହୋଇଥାଏ ।**





ଡକ୍ଟର ତ୍ରିନାଥ ପଟ୍ଟନାୟକ

## ଦେବସ୍ନାନ ମଣ୍ଡପ

ଶ୍ରୀମନ୍ଦିରର ଐଶାନ୍ୟ କୋଣରେ ତଥା ପ୍ରସିଦ୍ଧ ଆନନ୍ଦ ବଜାର ପରିସରରେ ଏକ ଭବ୍ୟ ମଣ୍ଡପ ଅଛି । ଏହି ମଣ୍ଡପର ପୂର୍ବ ରୂପ ମଞ୍ଚ ଥିଲା । 'ମଞ୍ଚା ସ୍ନାନଂ ରଥବରଗତିଃ' ବୋଲି 'କାଳସାର ସ୍ମୃତି' ଗ୍ରନ୍ଥରେ ଉଲ୍ଲେଖ ଅଛି । ଏହାକୁ 'ଦେବସ୍ନାନ ମଣ୍ଡପ' ବୋଲି କୁହାଯାଏ । ଏହି ମଣ୍ଡପ ଧଳା ବଉଳମାଳା ପଥରରେ ନିର୍ମିତ । ମଣ୍ଡପର ଲମ୍ବ ଓ ପ୍ରସ୍ଥ ସମାନ । ପ୍ରତ୍ୟେକ ପଞ୍ଚସ୍ତରୀ ଫୁଟ୍ ଲେଖାଏଁ । ମଣ୍ଡପର ଉଚ୍ଚତା ଉତ୍ତରରେ ଛଅ ଫୁଟ୍ ଛଅ ଇଞ୍ଚ ଓ ଦକ୍ଷିଣରେ ଉଚ୍ଚତା ଛଅ ଫୁଟ ତିନି ଇଞ୍ଚ ।

ମଣ୍ଡପକୁ ଉଠିବା ନିମନ୍ତେ ଚାରିଗୋଟି ପାହାଚ ଅଛି । ପ୍ରଥମ ପାହାଚ ଉଚ୍ଚତା ତିନି ଫୁଟ ପାଞ୍ଚ ଇଞ୍ଚ, ଦ୍ୱିତୀୟ ପାହାଚ ପାଞ୍ଚଫୁଟ୍ ଆଠ ଇଞ୍ଚ, ତୃତୀୟ ପାହାଚ ତିନି ଫୁଟ୍, ଚତୁର୍ଥ ପାହାଚ ତିନି ଫୁଟ୍ ତିନି ଇଞ୍ଚ । ପଞ୍ଚମ ପାହାଚରେ ଠାକୁରମାନଙ୍କ ଆସନ ଅବସ୍ଥିତ । ଏଠାରେ ଏକ ଫୁଟ୍ ଉଚ୍ଚତାର ତିନି ଗୋଟି କଳା ମୁଗୁନି ପଥରରେ ନିର୍ମିତ ପିଣ୍ଡି ଅଛି ।

ଶ୍ରୀ ଜଗନ୍ନାଥଙ୍କ ନିମନ୍ତେ ଉଦ୍ଦିଷ୍ଟ ପିଣ୍ଡିର ବ୍ୟାସ ତିନି ଫୁଟ୍ ତିନି ଇଞ୍ଚ ଓ ପରିଧି ନଅ ଫୁଟ୍ ତିନି ଇଞ୍ଚ । ଦେବୀ ସୁଭଦ୍ରାଙ୍କ ପିଣ୍ଡିର ବ୍ୟାସ ଦୁଇ ଫୁଟ୍ ଓ ପରିଧି ଛଅ ଫୁଟ୍ ପାଞ୍ଚ ଇଞ୍ଚ । ଶ୍ରୀବଳଭଦ୍ରଙ୍କ ପିଣ୍ଡିର ବ୍ୟାସ ତିନି ଫୁଟ୍ ପାଞ୍ଚ ଇଞ୍ଚ ଓ ପରିଧି ସାତ ଫୁଟ୍ ତିନି ଇଞ୍ଚ । ମଣ୍ଡପ ପାହାଚ ଉପରେ ପିଣ୍ଡି ସମେତ ମୋଟ ଉଚ୍ଚତା ପଚିଶ ଫୁଟ୍ ତିନି ଇଞ୍ଚ ।

ମଣ୍ଡପଟି ମେଘନାଦ ପାଚେରୀଠାରୁ ଉଚ୍ଚରେ ଥିବାରୁ ଶ୍ରୀଜୀଉମାନେ ମଣ୍ଡପରେ ବିଜେ କରିଥିବା ବେଳେ ବଡ଼ଦାଣ୍ଡରୁ ସହଜରେ ଦର୍ଶନ ମିଳେ । ଗବେଷକମାନେ କୁହନ୍ତି, ଗୁଣ୍ଡିଚା ମଣ୍ଡପଠାରେ ଠାକୁରମାନଙ୍କ ମୂର୍ତ୍ତି ନିର୍ମାଣ ପରେ ସେମାନଙ୍କୁ ରଥରେ ବା ବ୍ରହ୍ମ ଯାନରେ ଅଣାଯାଇ ଶ୍ରୀମନ୍ଦିରର ଏହି ମଞ୍ଚରେ ପ୍ରଥମେ ସ୍ନାନ ବିଧି ସମ୍ପନ୍ନ କରାଯାଇଥିଲା । ତା'ପରେ ମୁଖ୍ୟ ମନ୍ଦିରରେ ଦେବତା ପ୍ରତିଷ୍ଠା କରାଯାଇଥିଲା । ଏଣୁ ସ୍ନାନ ବେଦୀର ବିଶେଷ ମହତ୍ତ୍ୱ ଅଛି । ଶ୍ରୀଜଗନ୍ନାଥ ନିତ୍ୟ ଓ ଶାଶ୍ୱତ । ତଥାପି ମାନବୀୟ ଲୀଳା ରଚନା ନିମନ୍ତେ ଏହି ରୂପରେ ପ୍ରଥମେ ପ୍ରକଟ ହୋଇଥିଲେ । ଏହାକୁ ଶ୍ରୀଜଗନ୍ନାଥଙ୍କ ଆର୍ବିଭାବ ବା ଜନ୍ମ ଦିବସ ରୂପେ ଗ୍ରହଣ କରାଯାଏ ।

*ଜ୍ୟୈଷ୍ଠାମହଞ୍ଚାବତୀର୍ଣ୍ଣସ୍ତତ୍ ପୁଣ୍ୟଂ ଜନ୍ମ ବାସରମ୍
ତସ୍ୟାଂମେ ସ୍ୱପନଂ କୁର୍ଯ୍ୟାନ୍ମହାସ୍ନାନ ବିଧାନତଃ ।*

(ସ୍କନ୍ଦପୁରାଣ-୨୯/୧୬,୧୭)

ଜ୍ୟେଷ୍ଠ ପୂର୍ଣ୍ଣିମାରେ ମୁଁ ଅବତୀର୍ଣ୍ଣ ହୋଇଛି । ଏଣୁ ଏହି ଦିବସରେ ଅଧିବାସ ପୂର୍ବକ ମହାସ୍ନାନ ବିଧିରେ ମୋତେ ସ୍ନାନ କରାଇବ ।

*ଅଦ୍ୟ ଜନ୍ମଦିନଂ ନାଥ ପାବନଂ ଜୟତେ ତବ
ତସ୍ମାତ୍ତ୍ୱଂ ତୀର୍ଥପାନୀୟୈଃ କୌପୈଃ ପୁଣ୍ୟବର୍ଦ୍ଧନୈଃ ।*

(ନୀଳାଦ୍ରି ମହୋଦୟ- ୧୪/୬୬)

ହେ ନାଥ! ଆଜି ଆପଣଙ୍କ ପବିତ୍ର ଜନ୍ମଦିନ । ପୁଣ୍ୟ ବର୍ଦ୍ଧକ ନାନାତୀର୍ଥ ସମବେତ ଚନ୍ଦନାଦି ସୁବାସିତ ଦ୍ରବ୍ୟ ମିଶ୍ରିତ କୂପ ଜଳରେ ତୁମର ଆଜ୍ଞା ପାଳନ କରି ତୁମକୁ ସ୍ନାନ କରାଇବି ।

ମହାପ୍ରଭୁ ଦାରୁ ବିଗ୍ରହ ରୂପେ ଏହି ଦିନ କୃପାସିନ୍ଧୁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ପ୍ରଥମେ ଦର୍ଶନ ପ୍ରଦାନ କରିଥିଲେ । ଉକ୍ତ ଦିନ ଠାକୁରମାନଙ୍କର ସେନାପଟ୍ଟା ଲାଗି ହୋଇଥାଏ । ମଙ୍ଗଳାରୋପଣ କର୍ମ ଶେଷ ହେଲା ପରେ ଠାକୁରମାନଙ୍କର ଧାଡ଼ି ପହଣ୍ଡିରେ ମଣ୍ଡପରେ ବିଜେ କରାଯାଇଥାଏ । ଜଗମୋହନ ଭିତରେ ଥିବା ସାତ ପାହାଚରେ ଟାହିଆ ଲାଗି କରାଯାଏ । ସେଠାରେ ମଧ୍ୟ ସପ୍ତଜ୍ୟୋତି ବନ୍ଦାପନା କରାଯାଏ । ପୂର୍ବରୁ ଶୀତଳା ମନ୍ଦିର ସମ୍ମୁଖରେ ଥିବା ସୁନା କୂଅରୁ ଶହେ ଆଠ କୁମ୍ଭ ଜଳଆଣି ଅଧିବାସ ଘରେ ରଖାଯାଇଥାଏ । ସେହିକୁମ୍ଭ ଜଳରୁ ଶ୍ରୀବଳଭଦ୍ରଙ୍କୁ ତେତିଶ, ଶ୍ରୀଜଗନ୍ନାଥଙ୍କୁ ପଇଁତିରିଶ ଓ ସୁଭଦ୍ରାଙ୍କୁ ବାଇଶି ଓ ସୁଦର୍ଶନଙ୍କୁ ଅଠର କୁମ୍ଭଜଳ ଦ୍ୱାରା ସ୍ନାନ କରାଯାଇଥାଏ । ସେହି ସମୟରେ ପୁରୁଷସୂକ୍ତ ମନ୍ତ୍ରରେ ଜଳାଭିଷେକ କରାଯାଏ ।



## ସୁନା କୂଅ

ସୁନା କୂଅ ଶ୍ରୀମନ୍ଦିରର ଅତି ପୁରାତନ କୂଅ ବୋଲି ପୁରାଣ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । କଥିତ ଅଛି ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପୂର୍ବରୁ ଏ କୂଅ ଖନନ କରାଯାଇଥିଲା । ଶ୍ରୀମନ୍ଦିର ପରିସରରେ ଥିବା ସାତଗୋଟି କୂଅ ମଧ୍ୟରୁ ସର୍ବଶ୍ରେଷ୍ଠ ସୁନା କୂଅ ଅଟେ । ଦେବସ୍ନାନ ପୂର୍ଣ୍ଣିମା ଦିନ ଠାକୁରମାନଙ୍କ ସ୍ନାନ ନିମିତ୍ତି ସୁନା କୂଅରୁ ପାଣି ଆଣୁଥିବା ସେବକମାନଙ୍କୁ ସୁନା ଗୋସାଇଁ ବୋଲି ଅଭିହିତ କରାଯାଇଛି । ସୁନା ଗୋସାଇଁମାନେ ଭକ୍ତମାନଙ୍କୁ ଦୀକ୍ଷା ପ୍ରଦାନ କରିଥାନ୍ତି ।



## ଶ୍ରୀଜୀଉଙ୍କ ସ୍ନାନ ବିଧି

ସ୍ନାନଯାତ୍ରା ବିଷୟରେ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି । ୩୭ ଜଣ ସେବକ ଓ ମଠଗୁଡ଼ିକ ନୀତି ସଂପାଦନା କରିଥାନ୍ତି । ଗୋପାଳତୀର୍ଥ ମଠ ଓ ରାଘବଦାସ ମଠ ତରଫରୁ ସମସ୍ତ ସାଜସଜ୍ଜା ଯୋଗାଇ ଦିଆଯାଇଥାଏ । ସୁନା ଗୋସାଇଁ ଓ ମୁଦିରସ୍ତ ସୁନା କୂଅରୁ ୧୦୮ ଗରା ପାଣି ଆଣି ଜଳ ଅଧିବାସ ଘରେ (ସରଘରେ) ରଖିଥାନ୍ତି । ଘଟୁଆରି ଘରଠାରେ କର୍ପୂର, କେଶର ଚୁଆ ପ୍ରଭୃତି ମିଶାଯାଏ । ଏପରି ଭାବରେ ଜଳ ଅଧିବାସ ହେଉଥିବା ସମୟରେ ସ୍ନାନ ମଣ୍ଡପରେ ଦିଅଁମାନଙ୍କର ରୁନ୍ଧା ବଢ଼ିବା ପୂଜା ପାଠ ସରିଲା ପରେ ଅଧିବାସ ସ୍ଥଳରୁ ଜଳଛେକି ଆସିବା ସକାଶେ ଡାକିବା ପାଇଁ ଯିବେ । ଗରାଗଡୁ ସେବକମାନେ ମୁହଁରେ ମୁହଁ ବାନ୍ଧି ଜଳଛେକିକୁ ହାତରେ ଧରି ଚାଲିବେ । ସେମାନଙ୍କ ଆଗରେ ତଳିଚ୍ଛ ମହାପାତ୍ର ପ୍ରଧାନିଙ୍କ ସହିତ ହାତକୁ ହାତଯୋଡ଼ି ଚାଲିବେ । ଘଣ୍ଟା କାହାଳି ଓ ବାଜାବାଜୁ ଥିବ, ଛତାର ଛତା ଧରିଥିବେ । ଏହିପରି ଚାରିବାଡ଼ - ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ୩ ବାଡ଼ ଓ ସୁଭଦ୍ରା ବାଡ଼ ସକାଶେ ୪ ଥର ଜଳ ଛେକ ବିଜେ ହୋଇ ଆସିବେ । ଏହାପରେ ମୁଦିରସ୍ତ ଗଦି ପ୍ରସାଦ ଲାଗି କରିବେ । ଚନ୍ଦନଗଦି ଫେଟା ୩ ପୂଜା ପଣ୍ଡା ପୂଜାରେ ବସିବେ । ଷୋଡ଼ଶ ଉପଚାରରେ ପୂଜା ହେବ । ଗରାବଡୁମାନେ ଚନ୍ଦନ ମିଶ୍ରିତ ଜଳ ଗରାମାନ ହାତରେ ଧରି ୩ ମେକାପ ଧରିଥିବା ରୁପା ପିଙ୍ଗଣମାନଙ୍କରେ ଜଳ ଦିଅନ୍ତି । ପୂଜାପଣ୍ଡାମାନେ ମେକାପମାନଙ୍କଠାରୁ ଉକ୍ତ ପିଙ୍ଗଣମାନ ନେଇ ୩ ବାଡ଼ରେ ଜଳ ଲାଗି କରନ୍ତି । ଏହି ପରି ରୀତିରେ ସମସ୍ତ ଗରାର ଜଳ ଲାଗି କରାଯାଏ । ରାଜନୀତି ବଢ଼ିଲା ପରେ ମୁଦିରସ୍ତ ସ୍ନାନ ମଣ୍ଡପରେ ଛେରା ପହରା କରନ୍ତି । ସୁଆର ବଡୁ ପାଣି ପକାନ୍ତି । ପାଣି ପଡ଼ିଲା ପରେ ଗୋପାଳ ତୀର୍ଥ ମଠରୁ ଆସିଥିବା ବଡ଼ ବାଡ଼ର ହାତୀବେଶ ଉପକରଣ ମାନ (ଜଗମୋହନ ଗରୁଡ଼ଙ୍କ ପାଖରେ ରଖାଯାଇଥିବା) ଆସେ । ଏହାପରେ ଘଣ୍ଟ ଓ କାହାଳି ସହ ରାଘବ ଦାସ ମଠରୁ ଅନ୍ୟ ଦୁଇ ବାଡ଼ର ହାତୀବେଶ ଉପକରଣ ଆସିଥାଏ । ପାଳିଆ ପଶୁ ପାଳକ ଓ ଦଇତାପତିମାନଙ୍କ ସହ କାଠଘୋଡ଼ା ଉପରେ ଉଠି ତିନିବାଡ଼ର ହାତୀ ବେଶ ବା ଗଣେଶ ବେଶ କରିଥାନ୍ତି । ଏହି ବେଶ ପରିଧାନ କରି ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ହସ୍ତୀ ରୂପେ ଦୃଶ୍ୟମାନ ହୁଅନ୍ତି । କଦଳୀ ପଟ, ସୋଲ, ଜରି ପ୍ରଭୃତିରେ ଏହି ବେଶ ଉପକରଣ ନିର୍ମିତ ହୋଇଥାଏ ।

ଶ୍ରୀରାମ ଦାସ ଚରିତ 'ଦାଢ଼୍ୟତା ଭକ୍ତି' ପୁରାଣରେ ଉଲ୍ଲେଖ ଅଛି – ଗଣପତି ଭଟ୍ଟ ନାମକ ଜଣେ ଗାଣପତ୍ୟ ସଂପ୍ରଦାୟର ଭକ୍ତ, ପ୍ରଭୁଙ୍କୁ ଶ୍ରୀଗଣେଶ ରୂପେ ଦର୍ଶନ କରିବା ନିମନ୍ତେ ପ୍ରାର୍ଥନା କରିଥିଲେ । ପ୍ରଭୁଙ୍କ ଆଜ୍ଞା ପାଇ ଏହି ବେଶର ସୃଷ୍ଟି ।



ସ୍ନାନ ପୂର୍ଣ୍ଣିମା ଦିନ ସ୍ନାନବେଦୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାଇବାବେଳେ ସ୍ନାନ ମନ୍ତ୍ର ପାଠ କରାଯାଇଥାଏ । ପ୍ରଥମେ ରୁପା ବୀକ୍ଷଣାକୁ ସଂସ୍କାର କରାଯାଇ ଠାକୁରଙ୍କୁ ସ୍ନାନ ନିମନ୍ତେ ପ୍ରାର୍ଥନା କରାଯାଏ ।

### ଶ୍ରୀବଳଭଦ୍ର

*ବଳଦେବ ନମସ୍ତେଽସ୍ତୁ ରେବତୀ ପ୍ରାଣବଲ୍ଲଭ,*
*ଆବିର୍ଭାବ ଦିନାନ୍ତେଽଦ୍ୟ ସ୍ନାପୟାମ୍ୟହମନ୍ତସା*
*ସୁବାସିତେନ ଦିବ୍ୟେନ ତଥୈବ ଚନ୍ଦନଦ୍ରବୈଃ ॥*

ହେ ରେବତୀ ପ୍ରାଣବଲ୍ଲଭ! ବଳଦେବ! ତୁମକୁ ନମସ୍କାର । ଆଜି ହେଉଛି ଆପଣଙ୍କର ଆବିର୍ଭାବ ଦିବସ । ଚନ୍ଦନାଦି ସୁବାସିତ ଦିବ୍ୟଜଳରେ ଆପଣଙ୍କୁ ସ୍ନାନ କରାଇବା ପାଇଁ ଆଜ୍ଞା ଦିଅନ୍ତୁ ।

### ଶ୍ରୀଜଗନ୍ନାଥ

*ଦୀନବନ୍ଧୋ ଦୟା ସିନ୍ଧୋ ନୀଳାଚଳ ପତେ ହରେ ।*
*ଆଦ୍ୟ ଜନ୍ମଦିନଂ ନାଥ ପାବନଂ ଜାୟତେ ତବ ।*
*ତସ୍ମାତ୍ତ୍ୱଂ ତୀର୍ଥପାନୀୟୈଃ କୌପୈଃ ପୁଣ୍ୟ ବିବର୍ଦ୍ଧନୈଃ॥*

### ସୁଭଦ୍ରା

*ଭଦ୍ରେ ଦେବି ନାମସ୍ତୁଭ୍ୟଂ ସର୍ବାନନ୍ଦ ପ୍ରଦାୟିନୀ*
*ସ୍ନାପୟାମି ଜଳୈଃ ପୁଣ୍ୟୈଃ ଜଗନ୍ମାନଙ୍ଗଲ୍ୟ ହେତବେ ।*

### ସୁଦର୍ଶନ

*ସୁଦର୍ଶନ ନମସ୍ତେଽସ୍ତୁ ବିଷ୍ଣୁ ହସ୍ତାମ୍ବୁଜସ୍ଥିତ*
*ସ୍ନାପୟାମି ଭବନ୍ତଂ ଚ ନମସ୍ତେ ଜ୍ଞାନଦାୟକ ।*

ହେ ଜଗଦାନନ୍ଦଦାୟକ! ହେ ଦୀନବନ୍ଧୁ! ହେ ଦୟା ସିନ୍ଧୁ! ହେ ନୀଳାଚଳପତି!ହେ ହରି । ହେ ନାଥ ଆଜି ଆପଣଙ୍କ ପବିତ୍ର ଜନ୍ମଦିନ! ପୁଣ୍ୟବର୍ଦ୍ଧନ ନାନାତୀର୍ଥ ସମବେତ ଚନ୍ଦନାଦି ସୁବାସିତ ଦ୍ରବ୍ୟମିଶ୍ରିତ କୂଳ ଜଳରେ ଆପଣଙ୍କର ଆଜ୍ଞା ପାଳନ କରି ଆପଣଙ୍କୁ ସ୍ନାନ କରାଇବି ।

ତାପରେ ସୁଭଦ୍ରାଙ୍କ ସ୍ମରଣ କରାଯାଇ କୁହାଯାଇଛି – ହେ ଦେବୀ! ସୁଭଦ୍ରାଃ ତୁମ୍ଭଙ୍କୁ ନମସ୍କାର । ତୁମ୍ଭେ ସମସ୍ତଙ୍କୁ ଆନନ୍ଦ ପ୍ରଦାନ କର । ଜଗତର ମଙ୍ଗଳ ନିମନ୍ତେ ତୁମ୍ଭଙ୍କୁ ପୁଣ୍ୟ ଜଳରେ ସ୍ନାନ କରାଇବି ।

ତାପରେ ସୁଦର୍ଶନଙ୍କୁ ସ୍ମରଣ କରି ପାଠ କରାଯାଇଥାଏ । ହେ ସୁଦର୍ଶନ! ତୁମକୁ ନମସ୍କାର! ତୁମେ ବିଷ୍ଣୁଙ୍କର ହସ୍ତପଦ୍ମରେ ଅବସ୍ଥାନ କର । ତୁମେ ଜ୍ଞାନଦାତା । ତୁମକୁ ସ୍ନାନ କରାଇବି କୃପା କର ।

(ନୀଳାଦ୍ରି ମହୋଦୟ, ଚତୁର୍ଦ୍ଦଶୋଧ୍ୟାୟ)



## ସାହିତ୍ୟରେ ସ୍ନାନ ଯାତ୍ରା

ସାହିତ୍ୟରେ ମଧ ସ୍ନାନ ଯାତ୍ରା ବିଷୟରେ କବିମାନେ ବର୍ଣ୍ଣନା କରିଛନ୍ତି । କବି ଶ୍ରୀହର୍ଷ ସଂସ୍କୃତ କାବ୍ୟ 'ନୈଷଦୀୟ ଚରିତମ୍'ର ୧୫ ଦଶ ସର୍ଗରେ ଉଲ୍ଲେଖ କରିଛନ୍ତି:-

*ଯାଭିର୍ଦୃଶ୍ୟତ ଏଷଯାନ୍ପଥି ମହାଜ୍ୟୈଷ୍ଠୀ ମହେ*
*ଯଦ୍ଦୃଗ୍ଭି ପୁରୁଷୋତ୍ତମଃ ପରିଚିତଃ ପ୍ରାଗ୍ ମଞ୍ଚ ମଞ୍ଚନ କୃତଃ॥*

ବରବେଶରେ ଯାଉଥିବା ନଳଙ୍କୁ ଦେଖି ପୁରନାରୀମାନେ ପରସ୍ପର ମଧ୍ୟରେ ଆଳାପ କରୁଛନ୍ତି । ଯେଉଁମାନେ ଜ୍ୟେଷ୍ଠ ପୂର୍ଣ୍ଣିମାରେ ମଞ୍ଚ (ସ୍ନାନମଣ୍ଡପ) କୁ ଯାଉଥିବା ପୁରୁଷୋତ୍ତମ (ଶ୍ରୀଜଗନ୍ନାଥ) ଙ୍କୁ ଦେଖିଛନ୍ତି, ସେହି ନାରୀମାନେ ହିଁ ବରବେଶୀ ନଳଙ୍କୁ ଦେଖିବାର ସୌଭାଗ୍ୟ ଲାଭ କରିପାରିବେ ।

'ଶ୍ରୀଜଗନ୍ନାଥ ଚରିତାମୃତ'ରେ କବି ଦିବାକର ଦାସ ଲେଖିଛନ୍ତି –

*ଜ୍ୟେଷ୍ଠାରେ ଗୁରୁ ନିଶାକର*
*ରୋହିଣୀଟି ଦିବକର ।*
*ଜ୍ୟେଷ୍ଠ ପୂର୍ଣ୍ଣମୀ ଗୁରୁବାର*
*ସେ ମହାଜ୍ୟୈଷ୍ଠୀ ଯୋଗସାରା ।*

ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ 'କୋଟି ବ୍ରାହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ସ୍ନାନ ଯାତ୍ରା ବିଷୟରେ ଉଲ୍ଲେଖ କରିଛନ୍ତି ।

*ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂଲୀଳା ଯାର,*
*ପତିତ ପାବନ ଅର୍ଥେ ପ୍ରସାଦୁଁ ବାହାର ହେ ।*
*ଜ୍ୟେଷ୍ଠ ପୌର୍ଣ୍ଣମାସୀ ପୂର୍ବନିଶି ଅବଶେଷେ*
*ସେବକ ଉତ୍ସୁକେ ମିଳି ମହାପ୍ରଭୁ ପାଶେହେ ॥*
*ସେ କାଳକୁ ଅନୁସରି ଯାତ୍ରୀ ନରନାରୀ*
*ଯେ ଯାହାର ନିତ୍ୟକର୍ମ ତ୍ୱରା ହୋଇ ସାରିହେ ।*
*ହରି ହରି –ଦ୍ୱାରେ ମିଳି ହରିଧ୍ୱନି କଲେ*
*ହରିତ ପୂରିତ ତ୍ୱରିତରେ ତହିଁ ହେଲେ ହେ ।*

(ହରି-ଶ୍ରୀଜଗନ୍ନାଥ, ହରିଦ୍ୱାର- ସିଂହଦ୍ୱାର, ହରିତ-ଦିଗ)

ଓଡ଼ିଆ ସାହିତ୍ୟର ମଧ୍ୟଯୁଗୀୟ କବି ଲୋକନାଥ ବିଦ୍ୟାଧରଙ୍କ ରଚିତ 'ନୀଳାଦ୍ରି ମହୋତ୍ସବ' କାବ୍ୟରେ ସ୍ନାନ ଯାତ୍ରା ବିଷୟରେ ଉଲ୍ଲେଖ କରିଛନ୍ତି :-

*ଯେଥୁ ଅନନ୍ତରେ ଶୁଣହେ ମତି ଦେଇ ସୁଜନ*
*କହିବା ଚରାଚର ନାଥ ସ୍ନାନ ଯାତ୍ରା ବିଧାନ ।*
*ନିଶି ବେନି ପ୍ରହର ଥାଉଁ ଜ୍ୟେଷ୍ଠ ପୌର୍ଣ୍ଣମୀ ଦିନ*
*ଚକା ଅପସର ଉଲାଗି ହୁଅନ୍ତି ଭଗବାନ ।*
*ଯେହି ସମୟେ ଶିରପାଣି ଭଦ୍ରା ସହିତ ହୋଇ*
*ସ୍ନେହସିନ୍ଧର ଶୁଚି ଚିରଲାଗି କହି ନୁହଇ ।*
*ତହୁଁ ଉତ୍ତାରୁ ପହଣ୍ଡି ବିଜେ ଆଗେ ସୁଦରଶନ*
*ତଥି ପଛରେ କାମପାଳ କଲେ ଲୀଳା ଗମନ ।*
*ଝୁଲି ଝୁଲି ବେନିପାସରୁ ବିଜେ କରି ରହନ୍ତି*
*ଆଶା ବରଷ କି ବାସବ ମନ୍ଦ ମନ୍ଦ ଚଳନ୍ତି ।*
*ତଥି ପରେ ଭଦ୍ରଦାୟିନୀ ବାହାର ହେଲେ*
*ତଥି ଉତ୍ତାରୁ ମହାପ୍ରଭୁ ଧୀରେ ବିଜୟେ କଲେ ॥*

ସ୍ନାନ ବେଦୀ ଉପରେ ଶ୍ରୀଜୀଉମାନଙ୍କୁ ଦର୍ଶନ କଲେ ବହୁ ପୁଣ୍ୟ ମିଳେ ବୋଲି ଭକ୍ତମାନଙ୍କର ବିଶ୍ୱାସ । ଏଣୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଦେଶର କୋଣ ଅନୁକୋଣରୁ ଆସି ପୁରୀରେ ପହଞ୍ଚିଥାନ୍ତି । ଭାଗ୍ୟରେ ଥିଲେ ଏଭଳି ଭବ୍ୟଲୀଳା ଦେଖିବାକୁ ମିଳେ । ପ୍ରଭୁଙ୍କ ହାତୀବେଶ ବା ଗଣେଶ ବେଶ ଭକ୍ତଙ୍କୁ ମୁଗ୍ଧ କରିଥାଏ । ■

ସଂପାଦକ, ପୁରାଣ ପତ୍ରିକା
ନିଆଳୀ, ଜି: କଟକ, ମୋ: ୯୯୩୭୮୪୦୩୮୭



# ଶ୍ରୀକ୍ଷେତ୍ରରେ ସାହି ଯାତ୍ରା



**ଡକ୍ଟର ଭାସ୍କର ମିଶ୍ର**

ଉତ୍କଳୀୟ ସାଂସ୍କୃତିକ ପ୍ରାଣକେନ୍ଦ୍ର, ଜାଗା, ଆଖଡ଼ା, କୋଟ, ଗୁରୁଜ, ଗଡ଼ ପ୍ରଭୃତିର ପରମ୍ପରାକୁ ନେଇ ଶ୍ରୀକ୍ଷେତ୍ର ପରିପୂର୍ଣ୍ଣ । ଶ୍ରୀଜଗନ୍ନାଥଙ୍କ ଉପାସନାରେ ଶ୍ରୀରାମ ଲୀଳା ଏକ ଅଙ୍ଗ । ଏହି ଲୀଳା ଶ୍ରୀମନ୍ଦିରର ଯାନିଯାତ୍ରା ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଶ୍ରୀକ୍ଷେତ୍ରରେ ପାଳିତ ଏହି ଲୀଳାଭିନୟ 'ସାହି ଯାତ୍ରା' ନାମରେ ପ୍ରସିଦ୍ଧ । ଶ୍ରୀମନ୍ଦିରର ବିଶେଷ ନୀତି ସହିତ ଏହି ସାହି ଯାତ୍ରା ସମନ୍ୱିତ । ସାହି ଯାତ୍ରାରେ ପ୍ରଦର୍ଶିତ ଲୋକକଳା, ଲୋକବାଦ୍ୟ, ସମରକଳା ସହିତ ସାଂସ୍କୃତିକ ପରମ୍ପରା ଜଡ଼ିତ ରହିଅଛି । ଏହି ସାହି ଯାତ୍ରା ବା ଶ୍ରୀରାମ ଲୀଳା ପ୍ରସ୍ତାବ ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିଠାରୁ ବୈଶାଖ ମାସ କୃଷ୍ଣପକ୍ଷ ଦ୍ୱିତୀୟା ପର୍ଯ୍ୟନ୍ତ ପାଳିତ ହୁଏ । ଗ୍ରୀଷ୍ମର ଆଦ୍ୟ ଭାଗରେ ଏହି ଯାତ୍ରାର ଶୁଭାରମ୍ଭ ହୋଇଥାଏ । ଏହି ନୀତିଗୁଡ଼ିକ ମଧ୍ୟରେ ଜେଉଡ଼ ଭୋଗ, ରାମଜନ୍ମ, ଯଜ୍ଞ ରକ୍ଷା, ସୀତା ବିବାହ, ଶ୍ରୀରାମ ବନବାସ, ମାୟାମୃଗ ପ୍ରସ୍ତାବ, ଲଙ୍କାପୋଡ଼ି, ସେତୁବନ୍ଧ, ରାବଣ ବଧ, ଶ୍ରୀରାମ ଅଭିଷେକ ଇତ୍ୟାଦି ଅନ୍ୟତମ ।

ଏହି ସ୍ୱତନ୍ତ୍ର ନୀତି ବା ସାହି ଯାତ୍ରା ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ତିଥି ତଥା ଉତ୍ସବମାନଙ୍କରେ ସାହିମାନଙ୍କ ତରଫରୁ ବିଭିନ୍ନ ଲୀଳାମାନ ପ୍ରଦର୍ଶିତ ହୋଇଥାଏ । ଶ୍ରୀକ୍ଷେତ୍ରର ପ୍ରାଚୀନ ସାତ ସାହି ଯଥା କାଳିକା ଦେବୀ ସାହି, ବାଲି ସାହି, ହରଚଣ୍ଡୀ ସାହି, ଗୌଡ଼ବାଡ଼ ସାହି, ଦୋଳମଣ୍ଡପ ସାହି, କୁଣ୍ଢେଇବେଣ୍ଟ ସାହି ଓ ମାର୍କଣ୍ଡେଶ୍ୱର ସାହିର ଭେଣ୍ଡିଆ ବା ବଳିଷ୍ଠ ଯୁବକମାନେ ମୁଖ୍ୟତଃ ସାହି ଯାତରେ ଅଂଶ ଗ୍ରହଣ କରିଥାନ୍ତି । ସାଧାରଣତଃ ନିର୍ଦ୍ଦିଷ୍ଟ ତିଥିରେ ନିର୍ଦ୍ଧାରିତ ସାହିର ଜାଗା, ଆଖଡ଼ା ତରଫରୁ ସାହି ଯାତ ବାହାରିଥାଏ । ପ୍ରତ୍ୟେକ ସାହିର ଆଖଡ଼ା ତରଫରୁ ସାହିଯାତ ବାହାରିବା ପୂର୍ବ ଦିନ ମାଜଣା ବିଧି ପାଳିତ ହୁଏ ।

## ସାହିଯାତ

ଚୈତ୍ର ଶୁକ୍ଳ ଅଷ୍ଟମୀ ଅଶୋକାଷ୍ଟମୀ ଦିନ ଶ୍ରୀମନ୍ଦିରରେ ରାମଙ୍କ ଜନ୍ମ ନିମନ୍ତେ ଜେଉଡ଼ ଭୋଗ ଲାଗି ହୋଇଥାଏ । ଉକ୍ତଦିନ ମାର୍କଣ୍ଡେଶ୍ୱର ସାହି ଆଖଡ଼ା ତରଫରୁ କେତେକ ମେଳ ଅଶୋକାଷ୍ଟମୀ ଦିନ ସାହି ଯାତ୍ରାର ଶୁଭାରମ୍ଭ କରିଥାନ୍ତି । ଏଥିରେ ସାହିର ପାଣ୍ଡ ଜାଗା, ସାତବଖରା ଜାଗା ଏବଂ ଦୁଆରି ଜାଗା ମିଳିତ ହୋଇ ସାହି ଯାତ୍ରାରେ ଅଂଶ ଗ୍ରହଣ କରିଥାନ୍ତି ।





## ଶ୍ରୀରାମ ନବମୀ ଓ ଲୀଳା ଉତ୍ସବ

ଚୈତ୍ର ଶୁକ୍ଳ ନବମୀ ଦିନ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସମାପନ ପରେ ଜୟ ବିଜୟ ଦ୍ୱାର ବନ୍ଦ ହୋଇଥାଏ । ପୂଜାପଣ୍ଡା ସେବକ ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମମଣ୍ଡଳ କାଟିଥାନ୍ତି । ବିଜେ ପ୍ରତିମା ଶ୍ରୀରାମଙ୍କୁ



ମହାଜନ ସେବକମାନେ ରତ୍ନସିଂହାସନକୁ ବିଜେ କରାନ୍ତି । ସେଠାରୁ ବିଜେ ପ୍ରତିମାଙ୍କୁ ଆଜ୍ଞାମାଳ ପ୍ରଦାନ ପରେ ମହାଜନ ସେବକଙ୍କ ହସ୍ତରେ ଭିତର କାଠ ନିକଟସ୍ଥ ଜନ୍ମମଣ୍ଡଳ ଉପରେ ବିଜେ ହୁଅନ୍ତି । ମହାଜନ ସେବକ ଦୁଇଜଣ ଖଣ୍ଡୁଆ ପାଟ ଘୋଡ଼ି ହୋଇ ଦଶରଥ ଓ କୌଶଲ୍ୟା ଭୂମିକାରେ ଅବତୀର୍ଣ୍ଣ ହୋଇଥାନ୍ତି । ସେଠାରେ ଶ୍ରୀରାମଙ୍କ ଜନ୍ମବିଧି ସମେତ କର୍ପୂର ଆଳତି, ବନ୍ଦାପନା, ଗଣ୍ଡୁଶ ମସଲା ଓ କ୍ଷୀର ମଣୋହି ହୋଇଥାଏ । ଜୟ ବିଜୟଠାରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଚରୁ ଅନ୍ନ ମଣୋହି ହେବା ପରେ ଏହି ଚରୁ ଅନ୍ନକୁ କାଳିକା ଦେବୀ ସାହି ଆଖଡ଼ା ଗ୍ରହଣ କରି ସାହି ଯାତ୍ରା ବାହାରି ଥାଏ । କାଳିକା ଦେବୀ ସାହିରୁ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ବିଶ୍ୱାମିତ୍ର, ଦଶରଥ ପ୍ରମୁଖ ଲୀଳାଭିନୟରେ ବାହାରି ଶ୍ରୀମନ୍ଦିର ଓ ଶ୍ରୀନଅରକୁ ଯାଇ ଫେରିବା ବାଟରେ ସାହି ଯାତ୍ରା ଆଗରେ ଆଖଡ଼ାର ନିଶାଣ ଧରି ବାଦି ସାହି ମାଟି ମଣ୍ଡପରେ ବିଭିନ୍ନ ସହଚାରୀ ସମେତ ନାଗା ମେଢ଼, ବନାଟି, ତରବାରି ଖେଳ ଆଦି ବିଭିନ୍ନ ଲୋକନୃତ୍ୟ ଓ ସମରକଳା ପ୍ରଦର୍ଶିତ କରିଥାନ୍ତି ।



## ରାବଣ ବଧ

ବୈଶାଖ କୃଷ୍ଣ ଦ୍ୱିତୀୟା ଦିନ ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ପୂଜା ବସିଥିବା ସମୟରେ ବାଲି ସାହିର ଜନୈକ ବ୍ରାହ୍ମଣ ସେବକ ( ଯୁବକ) ରାବଣ ବେଶରେ ଶ୍ରୀମନ୍ଦିରକୁ ଆସି ଜଗମୋହନ କାଠ ପାଖରେ ଦଣ୍ଡାୟମାନ ହୋଇଥାନ୍ତି। ଏହି ସମୟରେ ସିଂହାସନ ଛୁଆଁ ଆଜ୍ଞାମାଳ ପ୍ରାପ୍ତ ହୋଇ ରାବଣ ସିଂହଦ୍ୱାର ସମ୍ମୁଖରେ ଓ ବାଦିସାହି-ହରଚଣ୍ଡୀ ସାହିରେ ନୃତ୍ୟ ପ୍ରଦର୍ଶନ ପୂର୍ବକ "ଭାଇରେ କୁମ୍ଭକର୍ଣ୍ଣ ପୁତ୍ରରେ ମେଘନାଦ, ହାବଛାରେ ହାବଛା...ହାଃ... ହାଃ...ହାଃ, ଏଇ ବ୍ରହ୍ମଶକ୍ତି ମାରିବି। ଅଇଁଳା, ପିୟୁଳା, ଶିଶୁମୁନା, ବାସୁକୀ, ଭେଦିବି"। ବାଲି ସାହିର ଯୁଦ୍ଧ ରାବଣଙ୍କ ସହ ଅଙ୍ଗଦ, ହନୁମାନ ପ୍ରମୁଖଙ୍କ ପଟୁଆରରେ ହରଚଣ୍ଡୀ ସାହି ଦେଇ ମଣିକର୍ଣ୍ଣିକା ସାହି ବାଟେ ଗଡ଼ନ୍ତି ଛକ ଭଗବତୀ କୋଟଠାରେ ମା' ଭଗବତୀଙ୍କଠାରୁ ଦୁଇଟି ବାଣ ପ୍ରାପ୍ତ ହୋଇ ପଣା ଭୋଗ ପିଇ ଜଗନ୍ନାଥ ବଲ୍ଲଭ ମଠରେ ଶ୍ରୀରାମଚନ୍ଦ୍ରଙ୍କ ସହିତ ଯୁଦ୍ଧ କରି ସ୍ୱର୍ଗ ପ୍ରାପ୍ତି ହୋଇଥାନ୍ତି। ସମର କଳା, ବାଲି ସାହି ଜାଗା, ଆଖଡ଼ାର ମୁଖ୍ୟ ଅଙ୍ଗ। ସାହି ଯାତ୍ରାରେ ବାଲିସାହିର ଆଠ ମେଳରୁ ଖଣ୍ଡାବୁଲା ସଲାମୀ, ହୁଲୁ, ଉଡ଼ାଣ, କାଟ, ପାଲଟା, ବାନ୍ଧେଣୀ, ମାଡ଼ଘର ଓ ଡାଲପା ଇତ୍ୟାଦି କୌଶଳ ରହିଛି। ଏତଦ୍‌ବ୍ୟତୀତ ବାଙ୍କ ଛୁରି, ବାଡ଼ି, ବନାଟି, ହୁଳା, ବନାଟି, ଚକ୍ର ବନାଟି, କଣ୍ଠି ବନାଟି, ପଟ୍ଟା ଖେଳ, ପିରାମିଡ୍, ଛଡ଼ି, ଝୁମକା ବାଡ଼ି ଇତ୍ୟାଦି ସମର କଳା ସମେତ ନାଗା, ମେଢ଼ ଇତ୍ୟାଦି ବାଦି ସାହିରେ ପ୍ରଦର୍ଶିତ ହୋଇଥାଏ।



## ଯଜ୍ଞରକ୍ଷା

ଚୈତ୍ରଶୁକ୍ଳ ଦଶମୀ ଦିନ ଯଜ୍ଞରକ୍ଷା ନୀତି ପାଳିତ ହୋଇଥାଏ। ଉକ୍ତ ଦିନ ସନ୍ଧ୍ୟା ଧୂପ ଓ ଦକ୍ଷିଣୀ ଘର ଭୋଗ ସରିବା ପରେ ଆଜ୍ଞାମାଳ ପାଇ ରାମ, ଲକ୍ଷ୍ମଣ ପାଲିଙ୍କିରେ ଘଣ୍ଟ, ଛତା, କାହାଳି ସହ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥାନ୍ତି। ଏହି ସମୟରେ ହରଚଣ୍ଡୀ ସାହି ଲୋକେ ଯାନିଯାତ୍ରା ବାହାର କଲା ଉତ୍ତାରେ ଦିଅଁ ବାହୁଡ଼ା ବିଜେ ହୋଇ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି।

## ସୀତା ବିବାହ

ଚୈତ୍ର ଶୁକ୍ଳ ଏକାଦଶୀ ଦିନ ସୀତା ବିବାହ ନୀତି ଅନୁଷ୍ଠିତ ହୋଇଥାଏ। ଉକ୍ତ ଦିନ ସନ୍ଧ୍ୟାଧୂପ ଓ ଦକ୍ଷିଣୀ ଘର ଭୋଗ ଶେଷ ହେବା ପରେ ରାମ, ଲକ୍ଷ୍ମଣ, ସୀତା ଉତ୍ସବ ପ୍ରତିମା ଘଣ୍ଟ, କାହାଳି, ଛତି ସହ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରନ୍ତି। ସେଠାରେ ଏକ ଖଟ (କାଷ୍ଠ ଆସନ) ଉପରେ ଉକ୍ତ ତିନି ଚଳନ୍ତି ପ୍ରତିମାଙ୍କୁ ଅଧିଷ୍ଠିତ କରାଯାଏ। ଏଠାରେ ହରଚଣ୍ଡୀ ସାହିର ଜନୈକ ବ୍ୟକ୍ତି ପର୍ଶୁରାମ ବେଶରେ ସାହିଯାତ୍ରା ସହ ଉପସ୍ଥିତ ହୋଇଥାନ୍ତି। ବନ୍ଦାପନା, ଶୀତଳ ଭୋଗ ଓ ଅନ୍ୟାନ୍ୟ ନୀତି ଶେଷ ହେବା ପରେ ପ୍ରତିମାମାନେ ଶ୍ରୀମନ୍ଦିର ଦକ୍ଷିଣୀ ଘରକୁ ବାହୁଡ଼ା ବିଜେ କରନ୍ତି। ହରଚଣ୍ଡୀ ସାହିର ଯାତ୍ରା ବାଦି ସାହି, ବାଲି ସାହିକୁ ଯାଇଥାଏ।

## ବନବାସ କନ୍ଦର୍ପ ଓ ଅଧିବାସ ( ଚୈତ୍ରଶୁକ୍ଳ ଦଶମୀ)



ଏହି ଦିନ ପୂର୍ବ ଦିବସ ଭଳି ରାମ, ଲକ୍ଷ୍ମଣ, ସୀତା ଦେବୀ ଶ୍ରୀମନ୍ଦିରରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥାନ୍ତି। ସେଠାରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବନବାସ ପ୍ରସ୍ତାବ ଅର୍ଥାତ୍ ବନବାସ ଲୀଳା ପ୍ରଦର୍ଶନ କରାଯାଇଥାଏ। ଏ ଦିନ ସାହିର ଭଗବତୀ କୋଟ ଆଖଡ଼ା ତରଫରୁ ଆଠ ମେଳରେ ବାଡ଼ିଖେଳ, ନାଗା, ମେଢ଼, ସମର କଳା, କୌଶଳ ପ୍ରଦର୍ଶିତ ହୋଇଥାଏ।



## ରାମଲୀଳା ମାୟା ମୃଗ ପ୍ରସ୍ତାବ

ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ଦିନ ସନ୍ଧ୍ୟା ଧୂପ ପରେ ଉତ୍ସବ, ପ୍ରତିମା ରାମ, ଲକ୍ଷ୍ମଣ, ସୀତା, ଆଜ୍ଞାମାଳ ପ୍ରାପ୍ତ ହୋଇ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ବିଜେ କରିଥାନ୍ତି। ସେଠାରେ ବନ୍ଦାପନା, ଶୀତଳଭୋଗ, ଆଳତି ଇତ୍ୟାଦି ନୀତି କରାଯାଏ। ଏ ଦିନ କୁଣ୍ଡେଇବେଣ୍ଟ ସାହି ଲୋକେ ମାୟା ମୃଗ ପ୍ରସ୍ତାବ ଲୀଳା ସମ୍ପାଦନ କରିଥାନ୍ତି।



## ଅଭିଷେକ

ଯେଉଁ ଦିନ ପୁଷ୍ୟା କକଡ଼ା ନକ୍ଷତ୍ର ଥାଇ ମହାପ୍ରଭୁ ତାରା ଶୁଦ୍ଧି ଥାଏ, ସେଦିନ ଶ୍ରୀରାମଙ୍କର ଅଭିଷେକ ନୀତି ହୁଏ। ଏଦିନ ସନ୍ଧ୍ୟା ଆଳତି ପରେ ରାମ, ଲକ୍ଷ୍ମଣ, ସୀତା ହନୁମାନ ବିଜେ ପ୍ରତିମା ଆଜ୍ଞାମାଳ ପ୍ରାପ୍ତ ହୋଇ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥାନ୍ତି। ଗୌଡ଼ବାଡ଼ ସାହିର ଦୁଇଜଣ ବ୍ୟକ୍ତି ଭରତ-ଶତ୍ରୁଘ୍ନ ବେଶରେ ଶ୍ରୀମନ୍ଦିର ଭଣ୍ଡାର ଘରଠାରୁ ନେଇ ଅଭିଷେକ ପ୍ରସ୍ତାବ ନିମନ୍ତେ ଜଗନ୍ନାଥ ବଲ୍ଲଭ ମଠକୁ ଯାତ୍ରା କରିଥାନ୍ତି।

## ଲଙ୍କା ପୋଡ଼ି ( ଚୈତ୍ର ପୂର୍ଣ୍ଣିମା)

ଏହି ତିଥି ଦିନ ରାମ, ଲକ୍ଷ୍ମଣ, ଚଳନ୍ତି ପ୍ରତିମା ଦ୍ୱୟ ଆଜ୍ଞାମାଳ ପ୍ରାପ୍ତ ହୋଇ ଜଗନ୍ନାଥ ବଲ୍ଲଭ ମଠରେ ବିଜେ ହେବା ପରେ ଦୋଳମଣ୍ଡପ ସାହି ପକ୍ଷରୁ ହନୁମାନ ବେଶରେ ଜନୈକ ବ୍ୟକ୍ତି ସେଠାରେ ଲଙ୍କାପୋଡ଼ି ପ୍ରସ୍ତାବ କରିଥାନ୍ତି। ଏହି ସାହିର ସାତ ମେଳକୁ ନେଇ ଗଠିତ ସାହିଯାତ୍ରାରେ ଲଙ୍କାପୋଡ଼ି ହନୁମାନ, ଲଙ୍କାପୋଡ଼ି ନୀତି ସଂପୃକ୍ତ ରାବଣ ସମେତ ନାଗା, ମେଢ଼, ସପ୍ତଶିରା, ତ୍ରିଶିରା, ବନାଟି, ନିଖାମ, ତରବାରୀ ପ୍ରଦର୍ଶନ ଆଦି ଯୁବକମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ବାଦି ସାହି, ସୁଆର ସାହି ଓ କୁଣ୍ଡେଇବେଣ୍ଟ ସାହିକୁ ଆସିଥାଏ।



## ସେତୁ ବନ୍ଧ ଲୀଳା

ବୈଶାଖ, କୃଷ୍ଣ ପ୍ରତିପଦ ତିଥିରେ ସେତୁ ବନ୍ଧ ଲୀଳା ଅନୁଷ୍ଠିତ ହୁଏ। ଏ ଦିନ ସନ୍ଧ୍ୟା ଧୂପ ପରେ ରାମ, ଲକ୍ଷ୍ମଣ, ପାଲିଙ୍କିରେ ବିଜେ ପୂର୍ବକ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ ହୁଅନ୍ତି। ସେଠାରେ ବାଲି ସାହି ପକ୍ଷରୁ ସେତୁ ବନ୍ଧ ପ୍ରସ୍ତାବ ବା ଲୀଳା ସଂପନ୍ନ ହେବା ପରେ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରନ୍ତି। ବାଲି ସାହି ଆଖଡ଼ା ତରଫରୁ ଆଠ ମେଳ ଦ୍ୱାରା ରାବଣ ଅଙ୍ଗଦ, ନାଗା, ମେଢ଼, ମଲ୍ଲଯୋଦ୍ଧା, ଖଣ୍ଡା , ଲାଠି ଚାଳନା ଇତ୍ୟାଦି ବାଦିସାହି ହରଚଣ୍ଡୀ ସାହିକୁ ଯାଇଥାଏ।



ଦୀର୍ଘ ଶହ ଶହ ବର୍ଷର ଏହି ପ୍ରାଚୀନ ସାହି ଯାତ୍ରା ଏବେ ବି ଶ୍ରୀମନ୍ଦିର ତଥା ଶ୍ରୀକ୍ଷେତ୍ରରେ ସାତ ସାହିର ଜାଗା ଆଖଡ଼ା ତରଫରୁ ପ୍ରଦର୍ଶିତ ହୋଇଆସୁ ଅଛି। ଏହି ମହାନ୍ ସାଂସ୍କୃତିକ ପରମ୍ପରା ଅକ୍ଷୁର୍ଣ୍ଣ ରହି ଉତ୍କଳୀୟ ସମର କଳାକୁ ଉଜ୍ଜୀବିତ କରି ଆସୁଅଛି।

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ , ଶ୍ରୀଜଗନ୍ନାଥ ଧାମ, ପୁରୀ
ମୋ: ୯୪୩୭୨୮୧୧୦୨







# ପାରମ୍ପରିକ କାଗଜ ମୁଖା

ସାମ୍ପ୍ରତିକ ହସ୍ତଶିଳ୍ପ ବଜାର ସ୍ଥିତିରେ କାଗଜ ମୁଖାର ଚାହିଦା ଯଦିଓ କମିଛି, କିନ୍ତୁ ଏହାର ପାରମ୍ପରିକ ଗଠନ ଶୈଳୀରେ ଯେଉଁ କଳାଚାତୁରୀ ନିହିତ ଅଛି, ତାହାର ଗୁଣାତ୍ମକମାନ କୌଣସି ଗୁଣରେ କମ୍ ନୁହେଁ । ଏକଦା ଏହି ହସ୍ତଶିଳ୍ପର ପରମ୍ପରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଉତ୍ସବକୁ କେନ୍ଦ୍ର କରି ତିଷ୍ଠି ରହିଥିଲା । ପୁରୀ ବଡ଼ଦାଣ୍ଡରୁ ଯାତ୍ରୀପଟି ସହ ଶ୍ରୀ ଜଗନ୍ନାଥଙ୍କ ତିନିମୂର୍ତ୍ତିର ମୁଖା ସେତେବେଳେ ଯାତ୍ରୀମାନେ ସନ୍ତକ ରୂପେ ଘରକୁ ନେଇ ଫେରୁଥିଲେ । ଜଗନ୍ନାଥ ମୁଖା ବ୍ୟତୀତ କାଗଜରେ ପ୍ରସ୍ତୁତ ହାତୀ, ଘୋଡ଼ା, ବାଘ, ଚଢ଼େଇ, ମାଛ, ଦେବଦେବୀ ମୁଖା ପ୍ରସ୍ତୁତ ହୋଇ ବଜାରରେ ଉପଲବଧ ହେଉଥିଲା । ସମ୍ପ୍ରତି ପ୍ଲାଷ୍ଟିକ୍ ଏବଂ ଫାଇବରର ବ୍ୟବହାର ଯୋଗୁଁ ଏଇ କାଗଜମୁଖାର ପ୍ରଚଳନ ଆଉ ଆଗଭଳି ନାହିଁ ।







## ସାହିଯାତର ଆକର୍ଷଣ ମୁଖା

କାଗଜ ମୁଖା ପୂର୍ବରୁ କେବଳ ଶ୍ରୀକ୍ଷେତ୍ରର ସାହିଯାତରେ ନୃତ୍ୟ ପାଇଁ ପ୍ରସ୍ତୁତ କରାଯାଉଥିଲା । ମାତ୍ର ଏବେ ଅନେକ ନିଜ ଘରେ, କାର୍ଯ୍ୟାଳୟରେ ଓ ହୋଟେଲକୁ କାଗଜ ମୁଖାରେ ସଜାଉଛନ୍ତି । ଯଦିଓ ଓଡ଼ିଶାର କିଛି ଗଡ଼ଜାତରେ ଏହି କାଗଜ ମୁଖା ଅଳ୍ପ ବହୁତେ ତିଆରି କରାଯାଏ, କିନ୍ତୁ ଏହାର ମୂଳ ମାଟି ହେଉଛି ଶ୍ରୀକ୍ଷେତ୍ର । ସାହିଯାତରେ ରାବଣ, ହନୁମାନ, ଗଣେଶ, ଦୁର୍ଗା, କାଳୀ, ଗଣେଶ, ଶିବ, ହନୁମାନ, ନୃସିଂହ, ନାଗା, ରାବଣ, ପର୍ଶୁରାମ, ଦଶାବତାର ମେଢ଼ ସମେତ ବାଘ, ହାତୀ, କଇଁଛ, କୁମ୍ଭୀର ଆଦି ମୁଖା ପ୍ରସ୍ତୁତ କରାଯାଏ । କାଗଜମୁଖା ଏକ ସମ୍ପୂର୍ଣ୍ଣ ପାରିବାରିକ ହସ୍ତଶିଳ୍ପ । ପୁରୀ ବାଲିସାହିର ମୁଖା କାରିଗର ଦୁର୍ଗାପ୍ରସାଦ ପାଣ୍ଡେଙ୍କ ମତରେ କାଗଜ, କାଗଜ ପେଟି, କଇଁଥ କିମ୍ବା ତେନ୍ତୁଳି ମଣ୍ଡ ଅଠାରେ ଏହାକୁ ପ୍ରସ୍ତୁତ କରାଯାଏ । ପୂର୍ବରୁ ପ୍ରାକୃତିକ ରଙ୍ଗ ହେଙ୍ଗୁଳ, ହରିତାଳ, ସଫେଦ, ପିହୁଳୀ, ଖଣ୍ଡନୀଳ, ସିନ୍ଦୂର, ଡିବି କଳା ବ୍ୟବହୃତ ହେଉଥିଲେ ହେଁ ଏବେ ରସାୟନିକ ରଙ୍ଗରେ ଫେଭିକଲ୍ ଦେଇ ଏହାକୁ ପ୍ରସ୍ତୁତ କରାଯାଉଛି । ଅନ୍ତତଃ ଭୌଗୋଳିକ ମାନ୍ୟତା ମିଳିଲେ ଏହି କଳା ବ୍ୟାପକ ହେବ । ପ୍ରଚାର ପ୍ରସାର ଅଧିକ ହେଲେ ନିଶ୍ଚୟ କାରିଗରମାନେ ରୋଜଗାରକ୍ଷମ ହେବେ । ଯଦିଓ ପୂର୍ବରୁ ବହୁ କଳାକାର ଏଥିରେ ନିୟୋଜିତ ଥିଲେ ମାତ୍ର ଏବେ ହାତ ଗଣତି କାରିଗର ଏହି କଳା ସହ ସମ୍ପୃକ୍ତ ଅଛନ୍ତି ବୋଲି ସେ କହିଛନ୍ତି ।

## ମୁଖା ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ମାଟିର ମଡେଲ ତିଆରି କରାଯାଏ । ତା' ପରେ କାଗଜ ଓ ତେନ୍ତୁଳି ମଞ୍ଜିର ଅଠାକୁ ସେହି ମଡେଲ ଉପରେ ପରସ୍ତ ପରସ୍ତ ଲଗାଯାଇ ଛାଞ୍ଚ ବାହାର କରାଯାଏ । ଛାଞ୍ଚଟି ଖରାରେ ଶୁଖିଲା ପରେ ପୁଣି ତା' ଉପରେ ତେନ୍ତୁଳି ମଞ୍ଜି ଓ କରତ ଗୁଣ୍ଡରେ ପ୍ରସ୍ତୁତ ଏକପ୍ରକାର ପ୍ରଲେପ ଲଗାଯାଏ । ଏହାପରେ କରଣି ସାହାଯ୍ୟରେ ତାକୁ ଫିନିଶିଂ କରାଯାଇ ଖରାରେ ଶୁଖାଯାଏ । ପରେ ସେହି କଳାକୃତି ଉପରେ ବାଲିକାଗଜ ଦ୍ୱାରା ପଲିସ୍ କରାଯାଇଥାଏ । ତା'ପରେ ପୁଣି ଏକ କାଗଜ ପରସ୍ତ ଦିଆଯାଇ ଖରାରେ ଶୁଖାଯାଇ ଖଡ଼ି ବୋଳାଯାଇଥାଏ । ଶେଷରେ ଏହା ଚିତ୍ର ଉପଯୋଗୀ ହୋଇଥାଏ । ଆଜିକାଲି କେହି କେହି ଏହାକୁ ଘର ସଜେଇବା ପାଇଁ ବ୍ୟବହାର କରୁଛନ୍ତି । କାଗଜମୁଖାର ବିଭିନ୍ନ ଆକୃତି ଓ ସାଇଜକୁ ନେଇ ଭିନ୍ନ ଭିନ୍ନ ମୂଲ୍ୟରେ ବିକ୍ରି କରାଯାଇଥାଏ । ସାହିଯାତ ପାଇଁ ପ୍ରସ୍ତୁତ ମୁଖା ଦେଖିବାକୁ ବେଶ୍ ଆକର୍ଷଣୀୟ । ମୁଖା କାରିଗର ଏହାକୁ ଅତ୍ୟନ୍ତ ଯତ୍ନର ସହିତ ପ୍ରସ୍ତୁତ କରିଥାନ୍ତି ।





# ଶ୍ରୀକ୍ଷେତ୍ରରେ ଚନ୍ଦନୋତ୍ସବ

ପୂର୍ଣ୍ଣାନନ୍ଦମୟ,
ପ୍ରେମଦ୍ରୁମ,
ପରଂବ୍ରହ୍ମ ଶ୍ରୀଜଗନ୍ନାଥ
ଦାରୁ ବିଗ୍ରହ ଧାରଣ ପୂର୍ବକ ମର୍ତ୍ତ୍ୟ
ବୈକୁଣ୍ଠ ନୀଳାଚଳସ୍ଥ ଶ୍ରୀମନ୍ଦିରର
ରତ୍ନସିଂହାସନରେ ଚତୁର୍ଦ୍ଧା ମୂର୍ତ୍ତି ରୂପେ
ଅଧିଷ୍ଠିତ ହୋଇ ମାନବୀୟ ଲୀଳା ପ୍ରକଟ କରୁଛନ୍ତି । ସାଧାରଣତଃ ବୈଶାଖ ଓ ଜ୍ୟେଷ୍ଠ ମାସ ଦ୍ୱୟକୁ ଗ୍ରୀଷ୍ମ ଋତୁ କହନ୍ତି । ଏହି ମାସ ଦ୍ୱୟରେ ପ୍ରଚଣ୍ଡ ନିଦାଘ ଅନୁଭୂତ ହୁଏ । ତାପ କ୍ଲିଷ୍ଟରୁ ନିରସ ଜନଜୀବନକୁ ଶାନ୍ତ ସୁଶୀତଳ ଓ ହର୍ଷମୁଖର କରିବା ପାଇଁ ସରସ ପର୍ବପର୍ବାଣି ଗୁଡ଼ିକ ଯଥା- ବୈଶାଖ ମାସରେ ଅକ୍ଷୟ ତୃତୀୟା, ରୁକ୍ମିଣୀ ଅମାବାସ୍ୟା, ଗୁରୁ ପଞ୍ଚମୀ ବ୍ରତ, ସୀତା ନବମୀ, ନୃସିଂହ ଜନ୍ମ, ଚନ୍ଦନ ପୂର୍ଣ୍ଣିମା ଆଦି ଓ ଜ୍ୟେଷ୍ଠ ମାସରେ ସାବିତ୍ରୀ ବ୍ରତ, ଶୀତଳ ଷଷ୍ଠୀ, ଗଙ୍ଗା ଦଶହରା, ରୁକ୍ମଣୀ ବିବାହ, ଚମ୍ପକ ଦ୍ୱାଦଶୀ, ଶିବ ଚତୁର୍ଦ୍ଦଶୀ, ଦେବସ୍ନାନ ପୂର୍ଣ୍ଣିମା, ରଜ ପ୍ରଭୃତି ଅଫୁରନ୍ତ ଆନନ୍ଦରେ ପାଳନ କରି କର୍ମାସକ୍ତ ମନୁଷ୍ୟ ପାଏ ଦିବ୍ୟାନନ୍ଦ । ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କର ସମସ୍ତ ଦ୍ୱାଦଶ ଯାତ୍ରା ମଧ୍ୟରେ ପ୍ରଧାନ ଯାତ୍ରା ଚନ୍ଦନୋତ୍ସବର ଶୁଭାରମ୍ଭ ଦିବସ ରୂପେ ଦିନଟିକୁ ଆଧ୍ୟାତ୍ମିକ ମହତ୍ତ୍ୱ ଦିଆଯାଇଥାଏ ।



ପ୍ରାଧ୍ୟାପିକା ବାସନ୍ତୀ ଦେବୀ

## ଚନ୍ଦନ ଯାତ୍ରା ପରମ୍ପରା

ଏକାଧାରରେ ପବିତ୍ରତା, ଶୀତଳତା ଓ ପରିମଳର ମଧୁର ସମନ୍ୱୟ ହେଉଛି ଚନ୍ଦନ । 'ବିଷ୍ଣୁ ଧର୍ମୋତ୍ତର' ପୁରାଣ ମତରେ ଶ୍ରୀହରିଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲେପନ ଦ୍ୱାରା ମନୁଷ୍ୟର ଦୈହିକ, ମାନସିକ, ବୌଦ୍ଧିକ ସନ୍ତାପ ଦୂରୀଭୂତ ହୋଇଥାଏ । ସେଥିପାଇଁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବର୍ଷ ତମାମ ଚନ୍ଦନ ଲାଗି ନୀତି ଅନୁଷ୍ଠିତ ହୋଇଥାଏ । କିନ୍ତୁ ଚନ୍ଦନ ଯାତ୍ରା ସମୟରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ନୀତି ପରେ ସ୍ୱତନ୍ତ୍ର ଭାବେ ଚନ୍ଦନ ଲାଗି ନୀତି ଓ ଆଲଟ ଲାଗି ନୀତି ଅନୁଷ୍ଠିତ ହୋଇଥାଏ ।

ଚନ୍ଦନ ଯାତ୍ରା ପରମ୍ପରା ବହୁ ପ୍ରାଚୀନ । ପ୍ରବଳ ଗ୍ରୀଷ୍ମ ପ୍ରବାହରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ଶୀତଳୀକରଣ କରିବା ପାଇଁ ଏହି ପରମ୍ପରା ଅନୁଷ୍ଠିତ ହୋଇଥାଏ । ଚନ୍ଦନ ଯାତ୍ରାର ପ୍ରଥମ ୨୧ ଦିନ ଅର୍ଥାତ୍ ବାହାର ଚନ୍ଦନ ଯାତ୍ରା ନରେନ୍ଦ୍ର ପୁଷ୍କରିଣୀଠାରେ ଅନୁଷ୍ଠିତ ହୋଇଥାଏ । ସେହିପରି ଭିତର ଚନ୍ଦନ ୨୧ ଦିନ ହୋଇଥାଏ । ଏହି ଚନ୍ଦନ ଉତ୍ସବ ଶ୍ରୀକ୍ଷେତ୍ରର ଦ୍ୱିତୀୟ ଲୋକପ୍ରିୟ ଉତ୍ସବ ଅଟେ ।

## ଶ୍ରୀମନ୍ଦିର ସତ୍ତ୍ୱଲିପିରେ ଚନ୍ଦନ ଯାତ୍ରା

ଶ୍ରୀମନ୍ଦିରର ସତ୍ତ୍ୱଲିପିର ଉଲ୍ଲେଖ ଅନୁସାରେ ଚନ୍ଦନ ଲାଗି ଅକ୍ଷୟ ତୃତୀୟା ପୂର୍ବଦିନ ରାତ୍ର ଚନ୍ଦନ ଲାଗି ନୀତି ଶେଷ ହେବା ପରେ ପାଳିଆ ମେକାପ ରାଘବ ଦାସ ମଠ ଦେଇଥିବା ସାଢ଼େ ସାତ ସେର ଚନ୍ଦନ ପରଖରେ ରଖି ଭୋଗମଣ୍ଡପ ଘରକୁ ନେଇଥାନ୍ତି । କାଷ୍ଠ ଭଦ୍ରାସନ ମଣ୍ଡଳ ଉପରେ ପିଙ୍ଗଣ ରଖାଯାଏ । ପୂଜା ପଣ୍ଡାଙ୍କ ଦ୍ୱାରା ଚେମେଡ଼ି, ପତନୀ, ଫୁଲ, ଚନ୍ଦନ ଦେଇ ସଂସ୍କାର ପୂର୍ବକ ଅଧିବାସ ହେବା ପରେ ଭୋଗ ମଣ୍ଡପ ଦ୍ୱାର ବନ୍ଦ ରହେ । ଅକ୍ଷୟ ତୃତୀୟା ଦିନ ସକାଳ ଧୂପ ସରିବା ପରେ ରତ୍ନସିଂହାସନରେ ତିନି ବାଡ଼ରେ ମଇଲମ ହୋଇ ମହାସ୍ନାନ ବଢ଼ିବା ପରେ ପୂର୍ବଦିନ ଅଧିବାସ ହୋଇଥିବା ଚନ୍ଦନକୁ ଭୋଗ ମଣ୍ଡପ ଘରଠାରୁ ପୂଜା ପଣ୍ଡା, ପତି ମହାପାତ୍ର, ମୁଦରସ୍ତ ଓ ଭିତର ମଇଲମ ବଢ଼ାଇଥିବା ପାଳିଆ ପୁଷ୍ପାଳକ ଏହିପରି ଛଅ ଜଣ ସେବକ ଯାଇ ପିଙ୍ଗଣମାନଙ୍କୁ ଘଣ୍ଟ, ଛତା, କାହାଳୀ ସହ ତଳିଚ୍ଛ ପଟୁଆର ହୋଇ ବଡ଼ ଦେଉଳ ତିନି ଘେରା ପରିକ୍ରମା







କରାଇ ଭିତର ସିଂହାସନ ଉପରେ ରଖନ୍ତି । ଟେରା ନପଡ଼ି ଶୀତଳ ଭୋଗ ଶେଷ ପରେ ଶ୍ରୀଜୀଉମାନଙ୍କ ଶ୍ରୀଅଙ୍ଗରେ ସଂପୂର୍ଣ୍ଣ ଚନ୍ଦନ ଲାଗି ହୋଇଥାଏ । କଥିତ ଅଛି ଚନ୍ଦନ ଲାଗି ସମୟରେ ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହମାନଙ୍କୁ ପ୍ରାର୍ଥନା କଲେ ସମସ୍ତ ଚିନ୍ତା ଦୂର ହୋଇଥାଏ ।

ଚନ୍ଦନ ସର୍ବାଙ୍ଗ ବଢ଼ିବା ପରେ ଦକ୍ଷିଣି ଘରେ ଥିବା ମଦନମୋହନ ଓ ରାମକୃଷ୍ଣ ଦେବଙ୍କୁ ମହାଜନେ ଭିତର ସିଂହାସନକୁ ବିଜେ କରାନ୍ତି । ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ ପୂଜା ଓ ଭୋଗ ମଣୋହି ପରେ ଆଜ୍ଞାମାଳ ଯାଇ ରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ଅଣାଯାଇ ମୁକ୍ତି ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଯାଇ ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରାନ୍ତି । ସିଂହଦ୍ୱାରଠାରେ ପଞ୍ଚ ମହାଦେବ ସ୍ୱ ସ୍ୱ ବିମାନରେ ଯାତ୍ରା କରିଥାନ୍ତି ।

## ଭଉଁରୀ

ଚନ୍ଦନ ଯାତ୍ରାର ୨୦ ଦିନରେ ଭଉଁରୀ ଯାତ ହୁଏ । ରାତ୍ର ଚାପରେ ୨୧ ଘେରା ଭ୍ରମଣ କରନ୍ତି ଓ ୭ ଥର ପୁଷ୍କରିଣୀ ମଧ୍ୟ ଭାଗରେ ଓ କୋଣରେ ଭଉଁରୀ ଖେଳନ୍ତି । ଏହି 'ଭଉଁରୀ'ର ଶାସ୍ତ୍ରୀୟ ନାମ ହେଉଛି 'ଜଳଭ୍ରମଣିକା' । ଏହା ୨୦ ତମ ଦିବସରେ ହେବାର ତାତ୍ପର୍ଯ୍ୟ ହେଉଛି ଯେ, ଏହି ନୌକ୍ରୀଡ଼ାକୁ ଦର୍ଶନ କଲେ ମନୁଷ୍ୟର ବିଂଶୋଭରୀ ଦଶାଭୋଗ ସୁଖଦ ହୋଇଥାଏ । ଅର୍ଥାତ୍ ପୁଷ୍କରିଣୀ ପ୍ରତି କୋଣରେ ସହିତ ମଧ୍ୟଭାଗକୁ ମିଶାଇ ସମୁଦାୟ ୨୧ ଘେରା ନୌକା ଭ୍ରମଣ ଅନୁଷ୍ଠିତ ହୋଇଥାଏ । ଏହି ୨୧ ସଂଖ୍ୟାର ତାତ୍ତ୍ୱିକ ଦର୍ଶନଟି ମହାପ୍ରଭୁଙ୍କ ଏହି 'ଜଳଭ୍ରମଣିକା' ଦର୍ଶନ ଦ୍ୱାରା ଜୀବନ ପୁରାଣ ବର୍ଣ୍ଣିତ ରୌରବାଦି ୨୧ଟି ନରକରୁ ଉଦ୍ଧାର ପାଇଥାଏ ।

## ହଳଦି ପାଣି

ଏକବିଂଶ ଦିବସରେ ଦ୍ୱିପ୍ରହର ଧୂପ, ଯାତ୍ରାଙ୍ଗି ଧୂପ ଏକତ୍ର ହୋଇ ହଳଦି ନୀତି ହୋଇଥାଏ । ଚାପ କୂଳରେ ଲାଗିଲା ପରେ ମଦନମୋହନ ଓ ରାମକୃଷ୍ଣଙ୍କୁ ବନ୍ଦାପନା ହୁଏ । ହଳଦି ପାଣି ପିଚକାରୀ ଖେଳ ହୁଏ । ହଳଦି ପାଣି କେବଳ ଦିନ ଚାପରେ ହୋଇଥାଏ । ହଳଦି ବା ହରିଦ୍ରାର ରଙ୍ଗ ହେଉଛି ପୀତ । ବୈଷ୍ଣବୀୟ ଚିନ୍ତନ ଆଧାରରେ ରାଧାଭାବର ଆରୋପଣଜନିତ ପ୍ରେମରସର ପ୍ରତୀକ ଭାବେ ଏହି ହଳଦି ପାଣି ପିଚକାରୀ ନୀତିଟି ପାଳିତ ହେବା ସମୀଚୀନ ମନେ ହୁଏ ।

## ଭିତର ଚନ୍ଦନ

ଭିତର ଚନ୍ଦନ ୨୧ ଦିନ ମଧ୍ୟରୁ ୪ ଦିନ ଜଳକ୍ରୀଡ଼ା ଉତ୍ସବ ହୁଏ । ଜ୍ୟେଷ୍ଠ ମାସର ଉଭୟ ଏକାଦଶୀ, ଅମାବାସ୍ୟା ଓ ଶୁକ୍ଳ ଷଷ୍ଠ ଅଟେ । ଏହି ଉତ୍ସବରେ ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ଶୀତଳ ବା ଶୁକ୍ଳ ଷଷ୍ଠୀ, ସାବିତ୍ରୀ ଅମାବାସ୍ୟାରେ ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଜଳକ୍ରୀଡ଼ାରେ ଭାଗ ନେଉଥିବା ବେଳେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ (ରୁକ୍ମିଣୀ ହରଣ) ରେ ମଦନମୋହନ ରୁକ୍ମିଣୀ ହରଣରେ ବ୍ୟସ୍ତ ରହିବାରୁ ସେଦିନ ଜଳକ୍ରୀଡ଼ାରେ ଲକ୍ଷ୍ମୀ ବିଜେ ନ ହୋଇ ଦୋଳଗୋବିନ୍ଦ ଓ ଭୂଦେବୀ (ସରସ୍ୱତୀ) ବିଜେ ହୁଅନ୍ତି । ଭିତର ଚନ୍ଦନର ପ୍ରମୁଖ ଅଂଶ ହେଉଛି ଜଳକ୍ରୀଡ଼ା । ଶ୍ରୀମନ୍ଦିର ଅନ୍ତର୍ଗତ ଜଳକ୍ରୀଡ଼ା ମଣ୍ଡପର କୁଣ୍ଡରେ ଜଳକ୍ରୀଡ଼ା ଅନୁଷ୍ଠିତ ହୁଏ । ଜଳ ହିଁ ଜୀବନ ଓ ଜଳ ହିଁ ନାରାୟଣ । ଅଧିକନ୍ତୁ ଜଳରେ ଏକାଧାରରେ ବିଳାସ, ବିକାଶ ଓ ବିନାଶର ତତ୍ତ୍ୱ ସନ୍ନିବିଷ୍ଟ ହୋଇ ରହିଛି ।

## ତାମ୍ବୁଲ ସେବନ

ଭୋଜନ ବିଳାସୀ କାଳିଆ ଠାକୁର ଓଡ଼ିଆ ଘର ପରମ୍ପରାନୁସାରେ ପାନ ରସିକ ମଧ୍ୟ । ପ୍ରତ୍ୟେକ ଦିନ ଶ୍ରୀମନ୍ଦିରରେ ସକାଳ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ , ବଡ଼ ସିଂହାର, ପାହୁଡ଼ ନୀତିରେ ରସିକ ଶେଖର ଚୂଡ଼ାମଣି ମହାପ୍ରଭୁଙ୍କ ସେବନ ପାଇଁ ଚନ୍ଦନ, ଜାଇଫଳ, ଲବଙ୍ଗ, ଅଳେଇଚ ମିଶ୍ରିତ ବିଡ଼ିଆ ପାନ ବା ତାମ୍ବୁଲ ହଡ଼ପ ନାୟକ ନିଯୋଗ ପୂଜା ପଣ୍ଡା ସେବକଙ୍କୁ ଯୋଗାଇଥାନ୍ତି । କିନ୍ତୁ ମହାପ୍ରଭୁଙ୍କ ଚନ୍ଦନ ଲାଗି ସମୟରେ ହଡ଼ପ ନାୟକ ନିଯୋଗ ପ୍ରତ୍ୟକ୍ଷ ଭାବେ ପ୍ରଭୁଙ୍କ ପାଖରେ ସମର୍ପଣ କରିଥାନ୍ତି । ଚନ୍ଦନ ଲାଗି ସମୟରେ ମହାପ୍ରଭୁଙ୍କୁ ୧୬ ଖଣ୍ଡ ବିଡ଼ିଆ ଲାଗି ହୋଇଥାଏ । ଚନ୍ଦନ ଯାତ୍ରାରେ ଉଭୟ ଦିନ ଓ ରାତି ଚାପରେ ମହାପ୍ରଭୁଙ୍କ ନିକଟରେ ୮୦ ଖଣ୍ଡ ବିଡ଼ିଆ ପାନ ଲାଗି ହୋଇଥାଏ ।

## ବେଶ ଓ ଫୁଲ ଟାହିଆ

ଠାକୁରମାନଙ୍କ ନୌକା ବିହାର ବେଳେ ସେବକମାନେ ମଦନମୋହନଙ୍କ ପଛରେ ଠିଆ ହୋଇ ସ୍ୱଚ୍ଛ ମୟୂର ଚନ୍ଦ୍ରିକା ପଙ୍ଖାରେ ବିଞ୍ଚୁ ଥିବାବେଳେ କେହି କେହି କର୍ପୂର ପାଣି ସିଞ୍ଚନ କରୁଥାନ୍ତି । ଶ୍ୱେତଚାମର, ଚିତ୍ରିତ ତ୍ରାସ ଛତ୍ର ସହ ପୁଷ୍ପ ଅଳଙ୍କାରରେ ସୁଦୃଶ୍ୟ ବେଶ ବିମଣ୍ଡିତ ମହାପ୍ରଭୁଙ୍କ ଯାତ୍ରା ଅତ୍ୟନ୍ତ ଆକର୍ଷଣୀୟ । ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ସାଜିଥାଏ ମହାପ୍ରଭୁଙ୍କ ମସ୍ତକରେ ଶୋଭା ପାଉଥିବା ଟାହିଆ । ଶ୍ରୀମନ୍ଦିରରୁ ପଟୁଆରରେ ମଣି ବିମାନରେ ମଦନମୋହନ, ଭୂଦେବୀ, ଶ୍ରୀଦେବୀ ଓ ପାଲିଙ୍କିରେ ରାମକୃଷ୍ଣ ଏବଂ ତାଙ୍କ ପଛେ ପଛେ ପଞ୍ଚ ମହାଦେବ ବିମାନରେ ବିଜେ କରିବା ବେଳେ ଟାହିଆର ଆକର୍ଷଣ ବେଶ୍ ବାରି ହୋଇଥାଏ । ଏବେ ଦଇତାପଡ଼ା ସାହି ନିବାସୀ ସାନମଠର ମହନ୍ତ ଡକ୍ଟର ବୈଷ୍ଣବ ଚରଣ ଦାସ ଏହି ଟାହିଆ ପ୍ରସ୍ତୁତ ସେବା ଆଗ୍ରହର ସହ କରୁଛନ୍ତି । ନଡ଼ିଆପତ୍ରର ଖାଡ଼ିକା, ପଣସପତ୍ର,କଦଳୀ ପାଟୁକା ଓ ଛୁଞ୍ଚିରେ ପ୍ରସ୍ତୁତ ଟାହିଆରେ ବିଭିନ୍ନ ପ୍ରକାରର ସୁବାସିତ ପୁଷ୍ପ ବ୍ୟବହୃତ ହୋଇଥାଏ । ଶ୍ରୀଦେବୀ ଓ ଭୂଦେବୀଙ୍କ ପାଇଁ ଫୁଲରେ ମଥାମଣି, ରାମକୃଷ୍ଣଙ୍କ ପାଇଁ ଦୁଇଟି ପୁଷ୍ପ ମୁକୁଟ, ଦୁଇଟି ଯୁବା, ପଞ୍ଚ ପାଣ୍ଡବଙ୍କ ପାଇଁ ପାଞ୍ଚୋଟି ସୁଗନ୍ଧ ପୁଷ୍ପରେ ମୁକୁଟ ତିଆରି ହୋଇଥାଏ । ଦଶ ଠାକୁରଙ୍କ ପାଇଁ ଫୁଲରେ ୧୦ଟି ମାଳ ଚନ୍ଦନ ଯାତ୍ରାରେ ଯୋଗାଇ ଦିଆଯାଇଥାଏ ।

## ବାହାର ଚାପର ବେଶ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ପ୍ରସିଦ୍ଧ ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ଉତ୍ସବ ଅବସରରେ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଦେବଙ୍କୁ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ମଣ୍ଡପଠାରେ ପ୍ରତ୍ୟହ ବିଭିନ୍ନ ବେଶରେ ବିଭୂଷିତ କରାଯାଇଥାଏ । ଯଥା- ୧- ନଟବର ବେଶ, ୨- ହରି ଜନ୍ମ ବେଶ, ୩- ଖଟ ଦୋଳି ବେଶ, ୪- ରାଜାଧିରାଜ ବେଶ, ୫- ବସ୍ତ୍ରା ଚାରଣ ବେଶ, ୬- ବସ୍ତ୍ରା ହରଣ ବେଶ, ୭- ଗୋମତୀ କୃଷ୍ଣ ବେଶ, ୮- ଅଘାସୁର ବଧ ବେଶ, ୯- ଚକ୍ର ନାରାୟଣ ବେଶ, ୧୦- ନାବକେଳି ବେଶ, ୧୧- ରାସ ମଣ୍ଡଳୀ ବେଶ, ୧୨- ନୃସିଂହ ବେଶ, ୧୩- କନ୍ଦର୍ପ ରଥ ବେଶ, ୧୪- ଷଡ଼ଭୂଜ ଗୌରାଙ୍ଗ ବେଶ, ୧୫- ରଘୁନାଥ ବେଶ, ୧୬- ବସ୍ତ୍ର ହରଣ ବେଶ,୧୭- ଗିରି ପୂଜା ବେଶ, ୧୮- ଗିରି ଟେକା ବେଶ, ୧୯- ବେଶ ହୁଏ ନାହିଁ, ୨୦- ଗଜ ଉଦ୍ଧାର ବେଶ, ୨୧- କୁଞ୍ଜ ଦୋଳି ବେଶ ।

ପୁଷ୍ପ ବିମଣ୍ଡିତ ଆକର୍ଷଣୀୟ ଟାହିଆରେ ସୁଶୋଭିତ ମଦନମୋହନ ଦେବଙ୍କ ଦିବ୍ୟ ବେଶ ଦର୍ଶନ କରି ଭକ୍ତମାନେ ଅପୂର୍ବ ମାନସିକ ଶାନ୍ତି ପ୍ରାପ୍ତି ହୋଇଥାନ୍ତି । ମହାପ୍ରଭୁଙ୍କୁ ଚନ୍ଦନରେ ବିଲିପ୍ତ କରି ଆଲଟ ଚାଳନ ଦ୍ୱାରା ବିଞ୍ଚି ଦେଲେ ବିଷ୍ଣୁଲୋକ ପ୍ରାପ୍ତିର ଫଳଶ୍ରୁତି ରହିଛି । ନୌକା ବିହାର କରି ସାଧାରଣ ଜନତାଙ୍କୁ ମହାପ୍ରଭୁ ଭବଜଳରୁ ଉଦ୍ଧାର ନିମିତ୍ତ ସତେ ଯେପରି ସଂକେତ ଦେଇଛନ୍ତି ।

## ଚନ୍ଦନ ମଉଜ

ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ବଡ଼ ଦାଣ୍ଡ ଦେଇ ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ବିଜେ କରନ୍ତି ଚଳନ୍ତି ଠାକୁରମାନେ । ବିଭିନ୍ନ ସ୍ଥାନରେ ଠାକୁରଙ୍କୁ ଫକ୍ତି ଭୋଗ କରାଯାଏ । ଶ୍ରୀକ୍ଷେତ୍ର ପୁରୀରେ ଏହାକୁ ଚନ୍ଦନ ମଉଜ କୁହାଯାଏ । ମହାପ୍ରଭୁଙ୍କ ବିମାନ ଆଗେ ଆଗେ ପୁରୀ ସହରର ଜାଗା ଆଖଡ଼ାର ମଲ୍ଲ ବୀରମାନେ ମଲ୍ଲୀମାଳ ପକାଇ ପାନ ଖିଲ ଖାଇ ଶିରରେ ତେଲ ଲଗାଇ ସୁବିଧାରେ ସନ୍ତରଣ ପୂର୍ବକ ସ୍ନାନ କରିବା ପାଇଁ ସୋଲ ବିଡ଼ାକୁ କାଖରେ ଜାକି ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ କରିବାକୁ ଯାଉଥିବାର ଏହି ମଉଜକୁ ଚନ୍ଦନ ମଉଜ ବା ତେଲ, ଫୁଲ, ଖିଲ,ସୋଲ ମଉଜ କହନ୍ତି ।

ନରେନ୍ଦ୍ର ପୁଷ୍କରିଣୀ ନିକଟରେ ମହାପ୍ରଭୁ ପହଞ୍ଚିବା ପରେ ସେବକମାନେ ଠାକୁରଙ୍କୁ ମଣି ବିମାନ ଏବଂ ପାଲିଙ୍କିରୁ ନେଇ 'ନନ୍ଦା' ଓ 'ଭଦ୍ରା' ନାମକ ସୁସଜ୍ଜିତ ଡଙ୍ଗାରେ ବିଜେ କରାନ୍ତି । ବର୍ତ୍ତମାନର ବ୍ୟବସ୍ଥାନୁସାରେ ଦୁଇଟି ଲମ୍ବ ନୌକାକୁ ଯୋଡ଼ା ଯାଇ ତା'ର ସମ୍ମୁଖ ଭାଗ ହଂସର ମୁଖାକୃତି ଓ ପାର୍ଶ୍ୱଭାଗ ହଂସର ପକ୍ଷ ସଦୃଶ ସଜ୍ଜିତ କରାଯାଇଥାଏ । ଏଥିରେ ଆଗ ସିଂହାସନରେ ରାମକୃଷ୍ଣ ଏବଂ ପଛ ସିଂହାସନରେ ପଞ୍ଚ ପାଣ୍ଡବ ବିଜେ କରନ୍ତି । ସାଧାରଣରେ ଏହାକୁ ବଡ଼ ଚାପ ବୋଲି କୁହାଯାଉଥିଲେ ହେଁ ଏହାର ଶାସ୍ତ୍ରୀୟ ନାମ 'ଭଦ୍ରା' ଏବଂ ଦୁଇଟି ସାନ ନୌକାକୁ ଅପେକ୍ଷାକୃତ ଛୋଟ ଚାପ ପ୍ରସ୍ତୁତି କରାଯାଇଥାଏ, ଯାହାର ଶାସ୍ତ୍ରୀୟ ନାମ 'ନନ୍ଦା' ଅଟେ । ଏହି ଚାପରେ କେନ୍ଦ୍ର ଭାଗରେ ଗୋଟିଏ ସିଂହାସନ ଉପରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ବିରାଜିତ ହୋଇ ନରେନ୍ଦ୍ର ପୁଷ୍କରିଣୀରେ ନୌବିହାର କରିଥାନ୍ତି । ନୌକ୍ରୀଡ଼ା ସମୟରେ କେବଳ ପାରମ୍ପରିକ ବାଦ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥାଏ ।

ଦିନ ଚାପ ଏକ ଘେରା ବୁଲି କୂଳରେ ଲାଗିଲା ପରେ ଦୁଇ ଚାପ ଏକତ୍ର ହୋଇ ବଡ଼ ଚାପରୁ ରାମକୃଷ୍ଣ ଦୁଇ ଦେବ ମହନମୋହନଙ୍କ ଚାପକୁ ଆସନ୍ତି । ବନ୍ଦାପନା ହୋଇ ଚାମର ଆଲଟ ହୋଇ ଜଗତି ବା ଚନ୍ଦନ ମଣ୍ଡପ ଉପରକୁ ବିଜେ ହୋଇ ସୁବାସିତ ଜଳରେ ବୁଡ଼ି ରହନ୍ତି । ଏହା ପରେ ଚନ୍ଦନ ଘର ମଧ୍ୟରେ ତିନୋଟି ପୃଥକ୍ ପୃଥକ୍ କୁଣ୍ଡ ରହିଛି । ଗୋଟିଏ କୁଣ୍ଡରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏକତ୍ର ସ୍ନାନ କରନ୍ତି । ଅନ୍ୟ ଦୁଇଟି ମଧ୍ୟରୁ ଗୋଟି କରେ ରାମକୃଷ୍ଣ ଏବଂ ଅନ୍ୟଟିରେ ପଞ୍ଚ ପାଣ୍ଡବ ସ୍ନାନ କରନ୍ତି । ଏହି ନୀତି ଶେଷ ହେବା ପରେ ଠାକୁରମାନେ ରାତ୍ରି ଚାପକୁ ବିଜେ ହୋଇଥାନ୍ତି ।



ଦ୍ୱାରକା ପୁରୀ, ଦ୍ୱାରକାନାଥ ଦାସ ଲେନ୍
ମାଟିମଣ୍ଡପ ସାହି, ପୁରୀ



# ଚନ୍ଦନ ଯାତ୍ରାରେ ପଞ୍ଚ ମହାଦେବ

**ହେମନ୍ତ ନାୟକ**, ପୁରୀ

ବାହାର ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କ ସହିତ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଥାନ୍ତି ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ (ଶ୍ରୀଲୋକନାଥ, ଶ୍ରୀକପାଳମୋଚନ, ଶ୍ରୀଯମେଶ୍ୱର, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀନୀଳକଣ୍ଠେଶ୍ୱର) । ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିଥାନ୍ତି ଠାକୁର । ଅତ୍ୟନ୍ତ ଖରାରୁ ରକ୍ଷା ପାଇବା ପାଇଁ ଠାକୁରମାନଙ୍କ ଏହି ଜଳକ୍ରୀଡ଼ା ଦେଖିବା ଲାଗି ନରେନ୍ଦ୍ରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥାଏ ।

## ଶ୍ରୀଲୋକନାଥ

ଶ୍ରୀଜଗନ୍ନାଥ ମନ୍ଦିରର ପଶ୍ଚିମରେ ପ୍ରାୟ ୨ କିମି ଦୂରରେ ଶ୍ରୀଲୋକନାଥ ମନ୍ଦିର ଅବସ୍ଥିତ। ଶ୍ରୀଲୋକନାଥ ପଞ୍ଚପାଣ୍ଡବଙ୍କ ମଧ୍ୟରେ ଭୀମ ରୂପରେ କଳ୍ପିତ। ମନ୍ଦିରଟି ପ୍ରାୟ ୧୦ ଏକର ଜମି ପରିମିତ ସ୍ଥାନରେ ସୁଦୀର୍ଘ ପ୍ରାଚୀର ଦ୍ୱାରା ପରିବେଷ୍ଟିତ। ବେଢ଼ା ସମ୍ମୁଖରେ ପାର୍ବତୀ ସାଗର ନାମକ ଜଳାଶୟ ରହିଛି। ଏହି ଜଳାଶୟର ପତନ ସହିତ ମନ୍ଦିରର ଲିଙ୍ଗ ବିଜେ କରିଥିବା ଜଳ ପତନ ସମାନ ରୁହେ। କଥିତ ଅଛି ତ୍ରେତୟା ଯୁଗରେ ଜନପଦୀୟ ଲୋକେ ଦେଇଥିବା ଏକ ଲାଉକୁ ଶ୍ରୀରାମଚନ୍ଦ୍ର ଏଠାରେ ଶିବ ଲିଙ୍ଗ ରୂପେ ପୂଜା କରିଥିଲେ। ପରବର୍ତ୍ତୀ କାଳରେ ଏହା ଲାଉକେଶ୍ୱର ରୂପେ ପୂଜିତ ହେଲେ। ଲାଉକେଶ୍ୱର ହିଁ ଜନମାନସରେ ଲୋକମାନଙ୍କ ନାଥ ଅର୍ଥାତ୍ ଲୋକନାଥ ମହାଦେବ ଭାବେ ପରିଚିତ ହୋଇଆସିଛନ୍ତି।

ମନ୍ଦିରରେ ପୂଜା ପାଉଥିବା ଶିବ ଲିଙ୍ଗ ବର୍ଷ ତମାମ୍ ସଦା ଜଳମଗ୍ନ ହୋଇ ରହିଥାନ୍ତି। ଫାଲଗୁନ କୃଷ୍ଣ ଏକାଦଶୀରେ ପଙ୍କୋଦ୍ଧାର ପରେ ଦିବ୍ୟ ଲିଙ୍ଗଙ୍କ ଦର୍ଶନ ମିଳେ। ଭୌମକର ବଂଶୀୟ ରାଜାମାନଙ୍କ ଶାସନ କାଳରେ ଏବେର ପରିଦୃଶ୍ୟମାନ ମନ୍ଦିର ନିର୍ମିତ ହୋଇଥିଲା। ବର୍ତ୍ତମାନ ମନ୍ଦିର ପରିଚାଳନା ଦାୟିତ୍ୱ ଟ୍ରଷ୍ଟ ବୋର୍ଡ ଉପରେ ନ୍ୟସ୍ତ ରହିଛି। ଏଠାରେ ପଣ୍ଡା ଓ ମହାପାତ୍ରମାନେ ସେବକ ଭାବେ କାମ କରୁଛନ୍ତି। ପଣ୍ଡା ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବାଟ ଲୋକନାଥ ଏବଂ ମହାପାତ୍ରମାନେ ଶ୍ରୀଲୋକନାଥଙ୍କ ସେବା ସହ ଯମେଶ୍ୱର ଓ ବିମଳାଙ୍କ ସେବା କରିଥାନ୍ତି। ଏମାନଙ୍କ ବ୍ୟତୀତ ମାଳି ସେବକ ମଧ୍ୟ ରହିଛନ୍ତି। ଶ୍ରୀଲୋକନାଥଙ୍କ ଉପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ସୁରକ୍ଷା ଦାୟିତ୍ୱ ରହିଛି। ଏଠାରେ ବଲ୍ଲଭ, ସକାଳଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ, ବଡ଼ସିଂହାର ନୀତି ହୋଇଥାଏ। ବିଶେଷ ପର୍ବ ଭାବେ ଶମ୍ଭୁ ଏକାଦଶୀ ପାଳନ କରାଯାଏ। ସୋମବାର ଦିନ ଏକାଦଶୀ ପଡିଲେ ଶମ୍ଭୁ ଏକାଦଶୀ ହୁଏ। ଏହି ଦିନ ଶ୍ରୀମନ୍ଦିରରେ ସମନ୍ୱୟାତ୍ମକ ନୀତି ଅନୁଷ୍ଠିତ ହୁଏ। ଏହା କେବଳ ପୁରୀ ଜଗନ୍ନାଥ ଓ ଲୋକନାଥଙ୍କ ମଧ୍ୟରେ ସମାହିତ ହୁଏ। କିନ୍ତୁ ୧୯୮୪ ମସିହା ପରଠାରୁ ଏଠାରେ ଶମ୍ଭୁ ଏକାଦଶୀ ହୋଇପାରୁ ନାହିଁ। ଏହାକୁ ନେଇ ସେବକଙ୍କ ମନରେ ଅସନ୍ତୋଷ ରହିଛି। ସେହିପରି ଶିବ ଚତୁର୍ଦ୍ଦଶୀ ଦିନ ଲୋକନାଥ ମନ୍ଦିରରେ ସମନ୍ୱୟାତ୍ମକ ନୀତି ହୋଇଥାଏ। ଏହା ହରିହର ପୂଜା ଭାବେ ବିଦିତ। ଶ୍ରୀଲୋକନାଥ ମଧ୍ୟ ଚନ୍ଦନ ଯାତ୍ରାରେ ସମ୍ମିଳିତ ହୁଅନ୍ତି।



ବୈଶାଖ ମାସର ଶେଷ ସୋମବାର ଏଠାରେ ସରନ୍ତି ସୋମବାର ମହୋତ୍ସବ ଅନୁଷ୍ଠିତ ହୁଏ। ଓଡ଼ିଶାର ଗ୍ରାମାଞ୍ଚଳରୁ ଶତାଧିକ ଭକ୍ତ ଏଠାରେ ପହଞ୍ଚି ନୂଆ ଧାନରେ ଚୂଡ଼ାଘଷା ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି। ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ପୀଠରେ ପ୍ରସିଦ୍ଧ ଜାଗରମେଳା ଅନୁଷ୍ଠିତ ହୋଇଥାଏ। ଶ୍ରାବଣ ମାସର ପ୍ରତି ସୋମବାର ଭାରତର ବିଭିନ୍ନ ପ୍ରାନ୍ତରୁ ପବିତ୍ର ନଦୀଜଳ ଧରି ପାଦରେ ଚାଲି ଚାଲି କାଉଡ଼ିଆମାନେ ଜଳାଭିଷେକ ନିମନ୍ତେ ପୀଠରେ ପହଞ୍ଚିଥାନ୍ତି।



## ଶ୍ରୀକପାଳମୋଚନ

ଶ୍ରୀଜଗନ୍ନାଥ ମନ୍ଦିରର ଦକ୍ଷିଣ ପଶ୍ଚିମ କୋଣରେ ମେଘନାଦ ପ୍ରାଚୀରଠାରୁ ପ୍ରାୟ ୩୦ ମିଟର ଦୂରରେ ଶ୍ରୀକପାଳମୋଚନ ମନ୍ଦିର ଅବସ୍ଥିତ। ଭୂମି ପତ୍ତନଠାରୁ ଏହା ୧୫ ମିଟର ନିମ୍ନରେ ରହିଛି। ମନ୍ଦିରର ଉଚ୍ଚତା ପ୍ରାୟ ୧୮ ମିଟର। ମୁଖ୍ୟ ମନ୍ଦିର ବ୍ୟତୀତ ଅନ୍ୟ ଏକ ମନ୍ଦିରରେ ସିଦ୍ଧ ଗଣେଶ ପୂଜିତ ହୁଅନ୍ତି। କପାଳମୋଚନଙ୍କ ପଶ୍ଚାତ୍ ଦେଶରେ ଦତ୍ତାତ୍ରେୟଙ୍କ ମୂର୍ତ୍ତି ରହିଛି। କପାଳମୋଚନଙ୍କ ଆସ୍ଥାନ ମଣିକର୍ଣ୍ଣିକା ଭାବରେ ପରିଚିତ। ବର୍ଷା ଦିନରେ ମଣିକର୍ଣ୍ଣିକା ତୀର୍ଥ ଭାବେ କଥିତ କୂପର ଜଳସ୍ତର ବୃଦ୍ଧି ହେଲେ କପାଳମୋଚନ ମଧ୍ୟ ଜଳମଗ୍ନ ରୁହନ୍ତି। ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବଙ୍କ ରୂପେ ପ୍ରସିଦ୍ଧ ପଞ୍ଚଶିବଙ୍କ ମଧ୍ୟରେ ଶ୍ରୀକପାଳମୋଚନ ନକୁଳ ଅଟନ୍ତି। ମାଦଳା ପାଞ୍ଜିରେ ପରିଦୃଶ୍ୟମାନ ମନ୍ଦିରର ନିର୍ମାତା ଅନଙ୍ଗକେଶରୀ ଅଟନ୍ତି।

ପୁରାଣ ତଥ୍ୟ ଅନୁସାରେ ଦିନେ ସ୍ୱର୍ଗରେ ବ୍ରହ୍ମା ଓ ଶିବଙ୍କ ମଧ୍ୟରେ କଳହ ହେଲା। ଶିବ କହିଲେ ମୁଁ ସୃଷ୍ଟି କର୍ତ୍ତା, ବ୍ରହ୍ମା କହିଲେ ମୁଁ ସୃଷ୍ଟି କର୍ତ୍ତା। ଏମିତି ବାକ୍‌ବିତଣ୍ଡା ମଧ୍ୟରେ ଦୁହେଁ ଉତ୍ତେଜିତ ହୋଇପଡ଼ିଲେ। ଏମାନଙ୍କ କଳହ ଦେଖିବାକୁ ସ୍ୱର୍ଗର ଅନ୍ୟ ଦେବତାମାନେ ପହଞ୍ଚିଗଲେ। ବ୍ରହ୍ମାଙ୍କର କଟୁ ବାକ୍ୟକୁ ଶିବ ସହ୍ୟ କରିପାରିଲେ ନାହିଁ। କ୍ରୋଧରେ ସେ ପ୍ରକମ୍ପିତ ହେବାକୁ ଲାଗିଲେ। ଚକ୍ଷୁରୁ ସ୍ଫୁଲିଙ୍ଗ ନିର୍ଗତ ହେଲା, ହାତରୁ ତ୍ରିଶୂଳ ଖସିପଡିଲା। ସେ ବ୍ରହ୍ମାଙ୍କୁ ଏକ ଶକ୍ତ ଚାପୁଡ଼ା ମାରିଲେ। ବ୍ରହ୍ମାଙ୍କର ପଞ୍ଚ ମୁଖରୁ ଗୋଟିଏ ମୁଖ ଛିଣ୍ଡିଗଲା। ବିଷ୍ଣୁ ପହଞ୍ଚି ବ୍ରହ୍ମାଙ୍କୁ ସାନ୍ତ୍ୱନା ଦେଲେ ତୁମେ ଚର୍ତୁମୁଖ ବ୍ରହ୍ମା ହୁଅ। ୪ ମୁଖରେ ୪ଟି ବେଦ ରଚନା କର। ଏପଟେ ଶିବ ଶାନ୍ତ ହେବା ପରେ ଦେଖିଲେ ତାଙ୍କ ହାତରେ ବ୍ରହ୍ମାଙ୍କ କପାଳ ଲାଗି ରହିଛି। ହେଲେ ଯେତେ ଚେଷ୍ଟା କଲେ ମଧ୍ୟ ହସ୍ତରୁ କପାଳ ଖସିଲା ନାହିଁ। ଆକୁଳ ହୋଇ ଦେବତାମାନଙ୍କୁ ଅନୁରୋଧ କଲେ। ଦେବତାମାନେ କହିଲେ ଏହା ବ୍ରହ୍ମଶାପ, ତୀର୍ଥାଟନରେ ହିଁ ମୁକ୍ତି ଲାଭ ମିଳିବ। ବ୍ୟଥିତ ଆଶୁତୋଷ ସାରା ବ୍ରହ୍ମାଣ୍ଡରେ ଥିବା ତୀର୍ଥ ସବୁ ପ୍ରଦକ୍ଷିଣ କଲେ। କେଉଁଠାରେ ତାଙ୍କ ହସ୍ତରୁ କପାଳ ଖସିଲା ନାହିଁ। ଅବଶେଷରେ ଶିବ ଶ୍ରୀକ୍ଷେତ୍ରରେ ପ୍ରବେଶ କଲେ। ଶ୍ରୀମନ୍ଦିରର ଦକ୍ଷିଣ ପଶ୍ଚିମରେ ସେତେବେଳେ ମଣିକର୍ଣ୍ଣିକା ତୀର୍ଥ ନାମରେ ଏକ ବଡ଼ ସରୋବର ଥିଲା। ସଦାଶିବ ସେଠାରେ ପ୍ରବେଶ କରନ୍ତେ ତାଙ୍କ ହସ୍ତରୁ ବ୍ରହ୍ମାଙ୍କ କପାଳ ଖସିପଡିଲା। ବ୍ରହ୍ମଶାପରୁ ମୁକ୍ତ କପାଳମୋଚନ ରୂପେ ପ୍ରତିଷ୍ଠିତ ହେଲେ।

ଦୈନନ୍ଦିନ ଏଠାରେ ଠାକୁରଙ୍କ ପୂଜା ସହ ବିଶେଷ ପର୍ବ ମଧ୍ୟରେ ଶୀତଳ ଷଷ୍ଠୀ, ଜାଗର ଆଦି ଅନୁଷ୍ଠିତ ହୁଏ। ଜାଗର ଓ ଶୀତଳ ଷଷ୍ଠୀରେ ପୀଠରେ ପ୍ରବଳ ଭିଡ଼ ହୋଇଥାଏ। ଏହା ବ୍ୟତୀତ କପାଳମୋଚନ ପଞ୍ଚପାଣ୍ଡବଙ୍କ ମଧ୍ୟରେ ସାମିଲ ହୋଇ ଚନ୍ଦନ ଯାତ୍ରାରେ ମହାପ୍ରଭୁଙ୍କ ସହ ମିଶି ନରେନ୍ଦ୍ରରେ ଜଳକ୍ରୀଡ଼ା କରିଥାନ୍ତି।





## ଶ୍ରୀଯମେଶ୍ୱର

ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବଙ୍କ ମଧ୍ୟରୁ ଶ୍ରୀ ଯମେଶ୍ୱର ହେଉଛନ୍ତି ଅନ୍ୟତମ। ଶ୍ରୀମନ୍ଦିରର ନୈରତ୍ୱ କୋଣରେ ଗୌଡ଼ବାଡ଼ ସାହିରେ ପ୍ରତିଷ୍ଠିତ ଶ୍ରୀ ଯମେଶ୍ୱର ପଞ୍ଚପାଣ୍ଡବଙ୍କ ମଧ୍ୟରେ ଧର୍ମରାଜ ଯୁଧିଷ୍ଠିର ରୂପେ କଳ୍ପିତ। ଏହି ପୀଠ ଶ୍ରୀକ୍ଷେତ୍ରର ବହୁ ପ୍ରାଚୀନ ଆସ୍ଥାନ ମଧ୍ୟରୁ ଅନ୍ୟତମ। ଏହି ମନ୍ଦିର ଭୂପୃଷ୍ଠରୁ ପ୍ରାୟ ୧୦୦ ଫୁଟ ତଳେ ଅବସ୍ଥିତ। ଶ୍ରୀଯମେଶ୍ୱର ହରିହର ସ୍ୱରୂପ ହିରଣ୍ୟ ଗର୍ଭ ଲିଙ୍ଗ। ଗର୍ଭର ପଶ୍ଚାଦ୍ ଦେଶରେ ଗୋଟିଏ ପ୍ରସ୍ତର ମୂର୍ତ୍ତି ଖୋଦିତ। ଏହାକୁ ଦତ୍ତାତ୍ରେୟ କୁହନ୍ତି। ଦିନେ ଯମେଶ୍ୱରଙ୍କୁ କେନ୍ଦ୍ର କରି ଯମନିକ ତୀର୍ଥ ପ୍ରସିଦ୍ଧି ଲାଭ କରିଥିଲା। ଶ୍ରୀଯମେଶ୍ୱରଙ୍କ ଉପରେ ଶ୍ରୀଜଗନ୍ନାଥଙ୍କ ଜମିଜମାର ଆୟବ୍ୟୟର ହିସାବ ଦାୟିତ୍ୱ ନ୍ୟସ୍ତ। ରାଧାଷ୍ଟମୀ ଦିନ ଶ୍ରୀଜଗନ୍ନାଥଙ୍କ ପ୍ରତିନିଧି ଭାବେ ଶ୍ରୀସୁଦର୍ଶନ ଏଠାରେ ବିଜେ କଲେ ଯମେଶ୍ୱର ବର୍ଷକର ଆୟବ୍ୟୟ ତାଙ୍କୁ ଶୁଣାଇଥାନ୍ତି। କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା ବା ଯମ ଦ୍ୱିତୀୟା ଏଠାରେ ମହାସମାରୋହରେ ପାଳିତ ହୁଏ। କାର୍ତ୍ତିକ ବ୍ରତ ପାଳନ କରୁଥିବା ଶ୍ରଦ୍ଧାଳୁମାନେ ଏଠାକୁ ଯମେଶ୍ୱରଙ୍କୁ ଦର୍ଶନ ପାଇଁ ଆସିଥାନ୍ତି। ସେମାନଙ୍କର ବିଶ୍ୱାସ ଯେ ଏହିଦିନ ଯମେଶ୍ୱରଙ୍କୁ ଦର୍ଶନ କଲେ ଯମଦଣ୍ଡ ଭୋଗ କରିବାକୁ ପଡେ ନାହିଁ।



## ଶ୍ରୀମାର୍କଣ୍ଡେଶ୍ୱର

ଶ୍ରୀମାର୍କଣ୍ଡେଶ୍ୱର ପଞ୍ଚ ପାଣ୍ଡବଙ୍କ ମଧ୍ୟରେ ଅର୍ଜୁନ ଅଟନ୍ତି। ଋଷି ମାର୍କଣ୍ଡେୟଙ୍କ ଦ୍ୱାରା ଉପାସିତ ଈଶ୍ୱର ମାର୍କଣ୍ଡେଶ୍ୱର। ଅଳ୍ପାୟୁ ମାର୍କଣ୍ଡେୟ ମୃତ୍ୟୁ ଭୟରୁ ରକ୍ଷା ପାଇବା ପାଇଁ ଶିବଙ୍କର ଉପାସନା କରୁଥିଲେ। ମୃତ୍ୟୁର ଦେବତା ଯମ ଆସି ଫାଶ ନିକ୍ଷେପ କରିବାରୁ ମାର୍କଣ୍ଡେୟ ଶିବ ଲିଙ୍ଗରେ ବାହୁବେଷ୍ଟନ କରି ପ୍ରାର୍ଥନା କଲେ। ତାଙ୍କୁ ରକ୍ଷା କରିବା ପାଇଁ ଆଶୁତୋଷ ଶିବ ଲିଙ୍ଗ ମଧ୍ୟରୁ ବାହାରି ଯମଙ୍କୁ ତ୍ରିଶୂଳରେ ଆଘାତ କରିଥିଲେ। ସୁତରାଂ ମାର୍କଣ୍ଡେଶ୍ୱରଙ୍କୁ ମୃତ୍ୟୁଞ୍ଜୟ ଶିବ କୁହାଯାଏ। ଶକ୍ତି ମଧ୍ୟସ୍ଥ ଲିଙ୍ଗ ଖଣ୍ଡ ବିଖଣ୍ଡିତ। ସୋମବଂଶୀୟ ରାଜା (ଖ୍ରୀ ୭୪୦-୭୬୪) କୋଶଳ କେଶରୀ ମାର୍କଣ୍ଡେଶ୍ୱର ମନ୍ଦିର ଓ ପୁଷ୍କରିଣୀର ଚାରିପାଖେ ପଥର ପାବଛ କରାଇଥିଲେ। ମନ୍ଦିରଟି ତ୍ରିରଥ ଶ୍ରେଣୀ ଏବଂ ରେଖ ଶୈଳୀର ଅଟେ। ମୁଖ୍ୟ ମନ୍ଦିରର ଉଚ୍ଚତା ଭୂପତ୍ତନଠାରୁ ପ୍ରାୟ ୬୦ ଫୁଟ୍। ପୂର୍ବାଭିମୁଖୀ ମନ୍ଦିର ବର୍ତ୍ତମାନର ରାସ୍ତାଠାରୁ ୨୦ ଫୁଟ୍ ନିମ୍ନରେ ଅବସ୍ଥିତ। ବର୍ଷ ତମାମ୍ ଏଠାକୁ ଶ୍ରଦ୍ଧାଳୁମାନେ ଆସିଥାନ୍ତି। ବିଶେଷକରି କାର୍ତ୍ତିକ ମାସ ସାରା ପୀଠ ଚଳଚଞ୍ଚଳ ରୁହେ। କାର୍ତ୍ତିକ ପୂର୍ଣ୍ଣମୀରେ ଭିଡ଼ ଅସମ୍ଭାଳ ହୋଇପଡେ। ଏହାବ୍ୟତୀତ ପର୍ବପର୍ବାଣି ମଧ୍ୟରେ ଏଠାରେ କାଳୀୟ ଦଳନ, ବଳଭଦ୍ର ଜନ୍ମ, ଶୀତଳଷଷ୍ଠୀ, ବଡ଼ଓଷା, ଜାଗର, ଋଷି ପଞ୍ଚମୀ, ଅଶୋକାଷ୍ଟମୀ ଆଦି ପାଳନ କରାଯାଏ।

## ଶ୍ରୀନୀଳକଣ୍ଠେଶ୍ୱର

ପୁରାତନ ସମୟରୁ ଇନ୍ଦ୍ରଦ୍ୟୁମ୍ନ ତୀରରେ ଶ୍ରୀନୀଳକଣ୍ଠେଶ୍ୱରଙ୍କ ଉପାସନା ହୋଇଆସୁଛି। ଇନ୍ଦ୍ରଦ୍ୟୁମ୍ନ ତୀର୍ଥ ନିକଟରେ ପରିଦୃଶ୍ୟମାନ ମନ୍ଦିର ପଦ୍ମକେଶରୀଙ୍କ ଦ୍ୱାରା ଅଷ୍ଟମ ଶତାବ୍ଦୀର ଚତୁର୍ଥ ଦଶନ୍ଧୀରୁ ସପ୍ତମ ଦଶନ୍ଧି ମଧ୍ୟରେ ନିର୍ମିତ ହୋଇଥିଲା। ମୁଖ୍ୟ ମନ୍ଦିରଟି ଭୂମି ପତ୍ତନଠାରୁ ଆନୁମାନିକ ୧୦ ଫୁଟ ଉଚ୍ଚତା ବିଶିଷ୍ଟ। ଶ୍ରୀକ୍ଷେତ୍ରର ପଞ୍ଚପାଣ୍ଡବଙ୍କ ମଧ୍ୟରେ ଶ୍ରୀନୀଳକଣ୍ଠେଶ୍ୱର ସହଦେବ ରୂପେ କଳ୍ପିତ। ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ବିଧାନରେ ରହିଛି ଯେ, ଇନ୍ଦ୍ରଦ୍ୟୁମ୍ନ ତୀର୍ଥରେ ସ୍ନାନ କରି ଶ୍ରୀନୀଳକଣ୍ଠେଶ୍ୱରଙ୍କୁ ଦର୍ଶନ କଲେ ଏହି ଜୀବନରୁ ମୁକ୍ତି ମିଳେ। ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ସମୟରେ ଲବଣିଖିଆ ଛକ ସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରୁ ଚଳନ୍ତି ପ୍ରତିମା ବିମାନରେ ଉପବେଶନ କରି ମଦନ ମୋହନଙ୍କ ସହିତ ଚନ୍ଦନ ଚାପକୁ ବିଜେ କରନ୍ତି। କାର୍ତ୍ତିକ ବ୍ରତଧାରୀମାନେ ଏହି ପବିତ୍ର ମାସରେ ଇନ୍ଦ୍ରଦ୍ୟୁମ୍ନ ତୀର୍ଥରେ ସ୍ନାନ ପରେ ନୀଳକଣ୍ଠଙ୍କୁ ଦର୍ଶନ କରିବା ପରି ଶ୍ରୀଗୁଣ୍ଡିଚା ଯାତ୍ରାରେ ନବଦିନ ବ୍ରତ କରୁଥିବା ଭକ୍ତମାନେ ମଧ୍ୟ ତୀର୍ଥରେ ସ୍ନାନ ସାରି ନୀଳକଣ୍ଠଙ୍କୁ ଦର୍ଶନ କରିଥାନ୍ତି। ■





# ଶ୍ରୀକ୍ଷେତ୍ରରେ ଶୀତଳଷଷ୍ଠୀ

ଶ୍ରୀଜଗନ୍ନାଥଙ୍କ ଲୀଳା ବଡ଼ ବିଚିତ୍ର । ତାଙ୍କ ମାନବୀୟ ଲୀଳା ବୁଝିବା ବଡ଼ କଷ୍ଟକର । ସାଧାରଣ ମଣିଷ ପରି ମହାପ୍ରଭୁଙ୍କ ଲୀଳା । ଏହାର ଏକ ନିଛକ ଉଦାହରଣ ଶୀତଳଷଷ୍ଠୀ । ପବିତ୍ର ଶ୍ରୀକ୍ଷେତ୍ରରେ ଶୀତଳଷଷ୍ଠୀର ପରମ୍ପରା ସ୍ୱତନ୍ତ୍ର ଓ ଅନନ୍ୟ । ଶ୍ରୀକ୍ଷେତ୍ରରେ ପବିତ୍ର ଶିବ ବିବାହ ବା ଶୀତଳଷଷ୍ଠୀକୁ ନେଇ ପ୍ରସ୍ତୁତ ଏଇ ସ୍ୱତନ୍ତ୍ର ଆଲେଖ୍ୟ ।



## ପୌରାଣିକ କିମ୍ବଦନ୍ତୀ

ଜ୍ୟେଷ୍ଠ ମାସର ଶୁକ୍ଳ ଷଷ୍ଠୀ ତିଥିରୁ ପ୍ରଚଣ୍ଡ ରୌଦ୍ରତାପର ଜ୍ୱାଳା ଶାନ୍ତ ହୋଇଥାଏ । ବର୍ଷାଋତୁର ଶୁଭ ସଙ୍କେତ ସ୍ୱରୂପ ସର୍ବତ୍ର ଶୀତଳତା ଅନୁଭବ ହୋଇଥାଏ । ସେଥିପାଇଁ ଏହାକୁ ଶୀତଳଷଷ୍ଠୀ କୁହାଯାଏ । ଅନ୍ୟ ଏକ ମତରେ, ପ୍ରବଳପ୍ରତାପୀ ତାରକାସୁରର ବିନାଶ ଶିବଙ୍କ ପୁତ୍ର ହସ୍ତରେ ହେବା ବିଧିନିର୍ଦ୍ଦିଷ୍ଟ ଥିବାରୁ ଦେବଗଣ ଚାହୁଁଥିଲେ ଶିବଙ୍କର ପାର୍ବତୀଙ୍କ ସହ ବିବାହ ଅନୁଷ୍ଠିତ ହେଉ । ଦେବୀ ପାର୍ବତୀ କଠୋର ତପସ୍ୟା କରି ଶିବଙ୍କୁ ସନ୍ତୁଷ୍ଟ କରିଥିଲେ । ନିର୍ଦ୍ଧାରିତ ଶୁଭ ତିଥିରେ ଅର୍ଥାତ୍ ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ତିଥିରେ ପ୍ରଦୋଷ (ସନ୍ଧ୍ୟା) ସମୟରେ ପାରମ୍ପରିକ ବିଧି ଅନୁଯାୟୀ, ଶିବପାର୍ବତୀଙ୍କର ବିବାହ ଅନୁଷ୍ଠିତ ହୋଇଥିଲା । ଶିବ ଓ ପାର୍ବତୀ ବିବାହ ବନ୍ଧନରେ ବାନ୍ଧି ହୋଇଥିବାରୁ ସଂସାରରେ ସନ୍ତାପ ସୃଷ୍ଟିକାରୀ ତାରକାସୁରର ବିନାଶ ସମ୍ଭବ ହେବା ଜାଣି ବିବାହର ପରଦିନ ଅର୍ଥାତ୍ ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ ଦିନ ଦେବଗଣଙ୍କ ଦୁଃଖାଗ୍ନି ପ୍ରଶମିତ ହୋଇଥିଲା ଓ ସେମାନେ ଚିତ୍ତରେ ଶୀତଳତା ଅନୁଭବ କରିଥିଲେ । ଏଥିପାଇଁ ଏହି ତିଥିକୁ ଶୀତଳଷଷ୍ଠୀ ବୋଲି କୁହାଯାଏ ।



## ବାହୁଡ଼ା ବରକନ୍ୟା

ପୁରୀର ଶାସନ ଗ୍ରାମଗୁଡ଼ିକରେ ଏହି ଉତ୍ସବ ଦେବ ନିମନ୍ତ୍ରଣ, ଦିଅଁବିଭା ଓ ଶୀତଳଷଷ୍ଠୀ କ୍ରମରେ ପାଳିତ ହୋଇଥାଏ। ତେବେ ପୁରୀ ସହରରେ ଦେବ ନିମନ୍ତ୍ରଣ, ଦିଅଁବିଭା, ଶୀତଳଷଷ୍ଠୀ, ଗୁଆଲି, ସାତମଙ୍ଗଳା ଆଦି କ୍ରମରେ ପାଳିତ ହୋଇଥାଏ । ଶାସନ ଗ୍ରାମଗୁଡ଼ିକରେ ଶିବପାର୍ବତୀଙ୍କ ବିବାହ ସରିବା ପରେ ଶିବ, ପାର୍ବତୀଙ୍କୁ ସଙ୍ଗରେ ଧରି ବୃଷଭ ବାହନରେ ନିଜ ମନ୍ଦିରକୁ ଫେରୁଥିବାରୁ ଏହାକୁ 'ବାହୁଡ଼ା ବରକନ୍ୟା' ବୋଲି କୁହାଯାଇଥାଏ । ଏହି ସମୟରେ ଆତସବାଜି ପ୍ରତିଯୋଗିତା ହୋଇଥାଏ ।

## 'କନ୍ୟାଚୋରି' ପରମ୍ପରା

ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ପୀଠରେ କନ୍ୟାଚୋରି ନୀତି ସମ୍ପନ୍ନ ହୁଏ। ପଞ୍ଚମହାଦେବ ଶ୍ୱଶୁର ଘରକୁ ଯାଇ ପାର୍ବତୀଙ୍କୁ ଚୋରି କରିଥା'ନ୍ତି। ଏହାକୁ 'କନ୍ୟାଚୋରି' କୁହାଯାଏ। ଯମେଶ୍ୱର ମହାଦେବ ମହାସୁଆର ସାହିର ଗଣେଶ ପଣ୍ଡାଙ୍କ ଘରୁ, ପ୍ରଭୁ ଲୋକନାଥ ବାସେଳିସାହି ବଡ଼ଜାଗା ପାଖ ଈଶ୍ୱର ବଲ୍ଲଭଠାରୁ, ମାର୍କଣ୍ଡେଶ୍ୱର ମହାଦେବ ମାର୍କଣ୍ଡେଶ୍ୱର ସାହିସ୍ଥିତ ଶେଷଦେବ ପଣ୍ଡାଙ୍କ ଘରୁ, କପାଳମୋଚନ ମାର୍କଣ୍ଡେଶ୍ୱର ସାହିସ୍ଥିତ ତଳୁଛ ବାସୁଦେବ ମହାପାତ୍ରଙ୍କ ଘରୁ ଏବଂ ନୀଳକଣ୍ଠେଶ୍ୱର ମହାପ୍ରଭୁ ସୁଆରସାହି ନାରାୟଣ ମହାପାତ୍ରଙ୍କ ଘରୁ ପାର୍ବତୀଙ୍କୁ ଚୋରି କରନ୍ତି । ଏହି କନ୍ୟାଚୋରି ନୀତି ସମ୍ପନ୍ନ ହେବା ପରେ ପ୍ରତ୍ୟେକ ଠାକୁର ସ୍ୱ ମନ୍ଦିରକୁ ବିଜେ କରିଥାନ୍ତି । ସେଠାରେ ଠାକୁରଙ୍କ ମାଘସ୍ନାନ ନୀତି ସମ୍ପନ୍ନ ହୁଏ । କନ୍ୟାଚୋରି ନୀତି ସମ୍ପର୍କରେ ଶ୍ରୀଲୋକନାଥ ମନ୍ଦିରର ପୂଜକ ସନ୍ତୋଷ କୁମାର ପଣ୍ଡା କୁହନ୍ତି, କନ୍ୟାଚୋରି ଏକମାତ୍ର ପର୍ବ, ଯାହାକି କେବଳ ଶ୍ରୀକ୍ଷେତ୍ରରେ ପାଳନ ହୁଏ । ଏଥିରେ ଭଗବାନ ଶଙ୍କର ମା' ପାର୍ବତୀଙ୍କୁ ଚୋରି କରି ବିବାହ କରିଥାନ୍ତି ।

ଶ୍ରୀଲୋକନାଥଙ୍କ ପୀଠରେ କନ୍ୟାଚୋରି ଦିନ ନିଆରା ପରମ୍ପରା ହେଉଛି, ଶ୍ରୀଲୋକନାଥଙ୍କ ମଙ୍ଗନ ହାଣ୍ଡି ଶ୍ରୀମନ୍ଦିର ବଡୁ ସୁଆରମାନେ ରାନ୍ଧିଥାନ୍ତି । ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ବଡୁ ସୁଆରମାନେ ଲୋକନାଥ ମନ୍ଦିରକୁ ଯାଇ ସନ୍ଧ୍ୟାଧୂପ ଏବଂ ବଡ଼ସିଂହାର ନିମନ୍ତେ କୋଠଭୋଗ ପ୍ରସ୍ତୁତ କରିଥାନ୍ତି । ଲୋକନାଥ ମହାପ୍ରଭୁ ପାର୍ବତୀଙ୍କୁ ଚୋରି କରିନେଇ ମନ୍ଦିରକୁ ଫେରିବା ପରେ ମାଘସ୍ନାନ ହୋଇ ସନ୍ଧ୍ୟାଧୂପ ଓ ବଡ଼ସିଂହାର ଭୋଗଲାଗି ହୋଇଥାଏ ।







ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବ ଦିନାତ୍ମକ ଯାତ୍ରା ପାଇଁ ଚାଲିଛି ତିନିରଥ ନିର୍ମାଣ । ଶ୍ରୀନଅର ସମ୍ମୁଖ ରଥଖଳାରେ ତିଆରି କରାଯାଉଛି ରଥ । ବିଧି ଅନୁଯାୟୀ, ପବିତ୍ର ଅକ୍ଷୟ ତୃତୀୟା ତିଥିରୁ ହିଁ ରଥ ନିର୍ମାଣର ଶୁଭାରମ୍ଭ ହୋଇଥାଏ । ସମଗ୍ର ଭାରତ ବର୍ଷରେ ଯେତେ ପ୍ରକାର ରଥ ଠାକୁରଙ୍କ ଲାଗି ତିଆରି ହୁଏ, ସେଥିମଧ୍ୟରୁ ଶ୍ରୀକ୍ଷେତ୍ରର ତିନିରଥ ନିର୍ମାଣ ଶୈଳୀ ଅତୀବ ରହସ୍ୟମୟ । ବହୁ ପ୍ରାଚୀନ ସମୟରୁ ରଥର ନିର୍ମାଣ ପଦ୍ଧତି ଶିଳ୍ପଶାସ୍ତ୍ରାନୁମୋଦିତ । ଆଉ ସବୁଠୁ ଆଶ୍ଚର୍ଯ୍ୟକର ହେଉଛି ଯେତେବେଳେ ଡହ ଡହ ଖରାରେ ମଣିଷ ଅସ୍ତବ୍ୟସ୍ତ ହୋଇପଡ଼ନ୍ତି ଠିକ୍ ସେହି ସମୟରେ ରଥ ନିର୍ମାଣକାରୀ ସେବକମାନେ ରଥଖଳାରେ ଥାନ୍ତି ଚଳଚଞ୍ଚଳ । ମହାପ୍ରଭୁଙ୍କ ପ୍ରତି ସମର୍ପଣ ଭାବ ରଖି ସେମାନେ ରଥ ନିର୍ମାଣରେ ଶ୍ରମ ନେଇଥାନ୍ତି । ପୁରୀ ରଥଯାତ୍ରାରେ ଯେଉଁ ତିନିରଥ ପ୍ରସ୍ତୁତ ହୋଇଥାଏ ତାହା ଭାରତରେ କାହିଁକି ସମଗ୍ର ବିଶ୍ୱରେ ହସ୍ତଶିଳ୍ପର ସର୍ବଶ୍ରେଷ୍ଠ ନମୁନା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ନିୟୋଜିତ ମହାରଣା ବା ବିଶ୍ୱକର୍ମା, କମାର, ଚିତ୍ରକାର, ରୂପକାର, ଦରଜୀ ପ୍ରଭୃତି ଶିଳ୍ପକାରମାନଙ୍କ ସେବା ସହିତ ଅନେକ ଶ୍ରମିକ ବର୍ଗର ସେବକ ନିୟୋଜିତ ହୋଇଥାନ୍ତି ।




# ଗ୍ରୀଷ୍ମରେ ଚଳଚଞ୍ଚଳ ରଥଖଳା









## ଅକ୍ଷୟ ତୃତୀୟାରୁ ରଥ ନିର୍ମାଣ ଆରମ୍ଭ

ପୂର୍ବ ପ୍ରସ୍ତୁତି ଅନୁଯାୟୀ, ଓଡ଼ିଶାର ବିଭିନ୍ନ ଜଙ୍ଗଲରୁ ଆବଶ୍ୟକୀୟ କାଠ ସଂଗ୍ରହ ପରେ ବସନ୍ତ ପଞ୍ଚମୀରେ ପୂଜା କରାଯାଇଥାଏ । ଶ୍ରୀରାମ ନବମୀରେ କରତ କଳରେ କାଠ ଚିରଟ ହୁଏ । ରଥ ନିର୍ମାଣ କାର୍ଯ୍ୟ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥାଏ । ମୁଖ୍ୟ ମହାରଣା ରଥର ଅଂଶ ବିଶେଷ ପାଇଁ ମାପ ପ୍ରଦାନ କରିବା ସହିତ ରଥ ନିର୍ମାଣ କ୍ଷେତ୍ରରେ ନିର୍ଦ୍ଦେଶକର ଦାୟିତ୍ୱ ତୁଲାଇଥାନ୍ତି । ତାଙ୍କର କନିଷ୍ଠ ତୁଲ୍ୟ ସୂତାର ମହାରଣା ବିଭିନ୍ନ ଉପକରଣ ପାଇଁ କାଠରେ ସଠିକ୍ ମାପ ନିର୍ଦ୍ଧାରଣ ପାଇଁ ସୂତାବାଡ଼ିଆ କାମ ସମ୍ପାଦନ କରନ୍ତି । ସେହିପରି ତଳି ମହାରଣାମାନେ କାଠରେ ଯାବତୀୟ ଖୋଦେଇ, ଖଞ୍ଜା ଓ ଚଉପଟ କାମ କରନ୍ତି । ଜଣେ ଅମିନ କାଠ ସବୁକୁ ପରଖି ଚିହ୍ନ ଦେଇଥାନ୍ତି । ଏହି ଚିହ୍ନଟ ପ୍ରକ୍ରିୟାରେ ମୁଖ୍ୟ ମହାରଣାଙ୍କର ମଧ୍ୟ ସହଯୋଗ କରନ୍ତି । ଭୋଇ ସେବକମାନେ ଆବଶ୍ୟକୀୟ ଚିହ୍ନିତ କାଠକୁ ରଥଖଳାରେ ପର୍ଯ୍ୟାୟକ୍ରମେ ସଂପୃକ୍ତ ରଥର ମହାରଣାଙ୍କ ପାଖରେ ଆଣି ପହଞ୍ଚାଇ ଦିଅନ୍ତି । ମୁଖ୍ୟ ମହାରଣା ସମସ୍ତ କାର୍ଯ୍ୟରେ ସମନ୍ୱୟ ରକ୍ଷା କରି ପର୍ଯ୍ୟାୟ କ୍ରମେ କାର୍ଯ୍ୟ ନିର୍ବାହ କରନ୍ତି ।

## ରଥ ନିର୍ମାଣ ସମୟ

ରଥ ନିର୍ମାଣ କାଳ ଅକ୍ଷୟ ତୃତୀୟାଠାରୁ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ୫୮ ଦିନ ମଧ୍ୟରୁ ଅର୍ଦ୍ଧାଧିକ ସମୟ କେବଳ ଚକ ନିର୍ମାଣରେ ଲାଗିଯାଇଥାଏ । ରଥ ନିର୍ମାଣ ପର୍ଯ୍ୟାୟ ନିର୍ଘଣ୍ଟ ଅନୁସାରେ ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ଅର୍ଥାତ୍ ଭଉଁରୀ ଦିନ ତିନିରଥର ୪୨ ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦେବଦଳନ ୧୨) ମଧ୍ୟରୁ ପ୍ରତ୍ୟେକ ରଥର ୨ଟି କରି ଚକ ଅଖ ସହ ସଂଯୋଗ କରି ଡେରା ଯାଇଥାଏ । ଶୀତଳ ଷଷ୍ଠୀ ଦିନ ବାକି ସମସ୍ତ ଚକ ସମୁଦାୟ ୨୧ଟି ଅଖରେ ଯଥା ଗୋଟିଏ ଅଖର ଦୁଇପାର୍ଶ୍ୱରେ ଦୁଇଗୋଟି କରି ଡେରାଯାଏ । ନବଯୌବନ ଦର୍ଶନ ସୁଦ୍ଧା ତିନିରଥ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥାଏ ।

## ରଥ ନିର୍ମାଣ ପଦ୍ଧତି

ରଥ ନିର୍ମାଣ କରିବା ପାଇଁ ମୁଖ୍ୟତଃ ମହାରଣା ତଥା ବିଶ୍ୱକର୍ମା ସେବାୟତମାନେ କୌଣସି ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରନ୍ତି ନାହିଁ । ବରଂ ପୂର୍ବରୁ ବ୍ୟବହାର ହୋଇ ଆସୁଥିବା ନିହାଣ, କରତ, ବାରିସି, ରଞ୍ଜା, ହାତୁଡ଼ି, ଅଗର, କୁଆଁର (ଦୋ ମୁନିଆ), କୋରାମୁଣ୍ଡା ବ୍ୟବହାର କରଥାନ୍ତି । ସବୁଠୁ ଆଶ୍ଚର୍ଯ୍ୟର କଥା, ରଥ ନିର୍ମାଣରେ ନିୟୋଜିତ ମହାରଣା ସେବକମାନେ ମାପିବା ପାଇଁ କୌଣସି ଅତ୍ୟାଧୁନିକ ମାପକ ଯନ୍ତ୍ରର ବ୍ୟବ୍ୟହାର କରନ୍ତି ନାହିଁ । ମାପ ପାଇଁ ସ୍ୱତନ୍ତ୍ର ରୂପେ ପ୍ରସ୍ତୁତ ହାତକାଠି ଓ ଗଜ ସହିତ ଓଳମ ସୂତା ବ୍ୟବହାର କରିଥାନ୍ତି । ରଥ କାମରେ ବ୍ୟବହୃତ ପ୍ରମୁଖ ମାପ ଉପକରଣ ଯଥା ମୁଗୁର ଓ ଗଜର ଅନେକ ବିଶେଷତ୍ୱ ରହିଛି । ଦୁଇଟିଯାକ ପିଆଶାଳ କାଠରେ ତିଆରି ହୋଇଥିଲେ ହେଁ ଏଥିରେ ଆଧୁନିକ ସ୍କେଲ ଭଳି ଇଞ୍ଚ ବା ସେଣ୍ଟିମିଟର ଚିହ୍ନ ନ ଥାଏ । ଏହା ମହାପ୍ରଭୁଙ୍କ ଘୋଷଯାତ୍ରାର ପ୍ରାଚୀନତା ପ୍ରତିପାଦନ କରେ । ବିଶାଳ ରଥର ମାପ ହିସାବ ସମ୍ପୂର୍ଣ୍ଣ ଭାବେ ହାତ ଓ ଆଙ୍ଗୁଳି ମାପରେ ସମ୍ବଦ୍ଧ । ହାତକାଠି ୨୦ ଇଞ୍ଚର ଲମ୍ବ ଏବଂ ଗଜ ପ୍ରାୟ ସାଢେ ୪ ଫୁଟର ହୋଇଥାଏ । ଅଖ, ଦଣ୍ଡା, ଗୟଳ ଆଦି ଲମ୍ବା କାଠ ମାପିବା ପାଇଁ ସାଧାରଣତଃ ଗଜ ବ୍ୟବହାର କରାଯାଇଥାଏ । ଏଥିରେ ଯେଉଁ ମାପ ଚିହ୍ନିତ ହୋଇଥାଏ ତାହା କେବଳ ଆଙ୍ଗୁଳି ଓ ସୂତାର ବିଭାଜନରେ । ସାଧାରଣ ଲୋକଙ୍କ ପାଇଁ ସେ ମାପର ହିସାବ ଦୁର୍ବୋଧ । ମୁଖ୍ୟତଃ ପୂର୍ବଜମାନଙ୍କର ରଥ ନିର୍ମାଣର ଶୈଳୀକୁ ଅନୁଧ୍ୟାନ କରି ରଥ ନିର୍ମାଣ କରିବାର କାର୍ଯ୍ୟ ଅନେକ ବର୍ଷରୁ ଚାଲିଆସିଛି ଏବଂ ଏହା ପିଢ଼ି ପିଢ଼ି ଧରି ଚାଲିଛି ।



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ହାତ ପାର୍ଟିର ନୂଆ ନାଟକ

ମାଷ୍ଟରକ୍ୟାଣ୍ଟିନ ମଠ ମହନ୍ତ ଭକ୍ତଚରଣଙ୍କ ଦ୍ୱାରା ଲିଖିତ ଓ ନିର୍ଦ୍ଦେଶିତ ନୂଆ 'କମିଟି' ନାଟକକୁ ନେଇ ଏବେ କଂଗ୍ରେସରେ ସୃଷ୍ଟି ହୋଇଛି କମ୍ପନ। ଦାୟିତ୍ୱ ନେବାର ୩ ମାସ ପରେ ପଦାଧିକାରୀ କମିଟି ଗଠନ ବେଳେ ମହନ୍ତ କେବଳ ନିଜ ଅନୁଗତଙ୍କୁ କମିଟିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଇଥିବାରୁ ଢ଼େର ପୁରୁଣା ନିର୍ଦ୍ଦେଶକ ଓ କଳାକାର ମୁହଁ ଫୁଲାଇ ବସିଛନ୍ତି। ପରିସ୍ଥିତି ଏମିତି ହୋଇଛି ଯେ ମୁଖ୍ୟମନ୍ତ୍ରୀ ମୋହନଙ୍କ ଘର ଆଗରେ ଯାତ୍ରା କରିବାକୁ ଛାମୁଣ୍ଡିଆ ବାନ୍ଧିଥିବା କଂଗ୍ରେସକୁ ଅପଦସ୍ତ ହେବାକୁ ପଡ଼ିଛି। ନେଳି ଗାମୁଛା ପକାଇ ଆଙ୍ଗୁଳି ଗଣତି ସତୀର୍ଥ ଓ ପ୍ରଭାରୀ ଲଲ୍ଲୁଙ୍କ ସହ ଯାତ୍ରା ମଞ୍ଚରେ ପହଞ୍ଚିବାବେଳକୁ ପୁରୁଖା କଳାକାରଙ୍କ ଅଘୋଷିତ ହରତାଳ ଭକ୍ତଙ୍କ ଚେତା ହଜାଇ ଦେଇଛି। ଏହାପରେ ପଦ୍ମ ପାର୍ଟିଆ ଚୁଗୁଲିଆ ନେତା ଭକ୍ତ ଏଣ୍ଡ କୋଃଙ୍କ ନାଟକ୍ ଫ୍ଲପ୍ ହୋଇ ଯାଇଥିବା ଗୁଗ୍‌ଲି ମାରିବା ଆରମ୍ଭ କରିଛନ୍ତି। ହେଲେ ହାତ ପାର୍ଟିର ସବୁନେତା ଏକାବେଳେ କାହିଁକି ଭକ୍ତଙ୍କ ଧାରଣା ଯାତ୍ରାକୁ କରଛଡ଼ା ଦେଲେ, ସେ କଥା ଆଉ କାହାକୁ ଅବୁଝା ରହିନାହିଁ। ଶିରିପା ବାନ୍ଧିବାକୁ ଯେଉଁମାନଙ୍କ କାନ୍ଧରେ ଚଢ଼ି ଭକ୍ତ ମୁଣ୍ଡକୁ ଉଚ୍ଚ କଲେ, ସେଇମାନଙ୍କୁ କୁଆଡ଼େ ଏବେ ସେ ଅବହେଳା କରିଥିବା ଅଭିଯୋଗ ହେଉଛି। ଏକପକ୍ଷରେ ନିର୍ବାଚନ ପରଠାରୁ ମଠ ଅଗଣାରୁ ପୁରୁଣା ମହନ୍ତ ଶରତ ଅନ୍ତର୍ଦ୍ଧାନ; ସକ୍ରିୟ ଥିବା ମୋକିମ ପଦ ନ ପାଇବାରୁ ମନ ମାରି ବସିଛନ୍ତି। ଅନ୍ୟପକ୍ଷରେ ହାତ ରାଜନୀତିରେ ଢ଼େର ଦିନ ହେଲା ନିଜର ପ୍ରଭାବ ରଖିଥିବା ପୁରୁଖା ନେତା ନରସିଂହ, ନିରଞ୍ଜନ, ଜୟଦେବ, ପ୍ରସାଦ, ଶ୍ରୀକାନ୍ତ କୁଆଡ଼େ ଭକ୍ତଙ୍କ ଏକଦେଶଦର୍ଶୀ ନିଷ୍ପତ୍ତିକୁ ନେଇ ଖପ୍ପା। ୟା' ପରେ ଆଉ କିଏ ରହିଲେ ଯେ ମଞ୍ଚକୁ ଚଢ଼ିବେ ? ଏବେ ଯେତେ ମୁଣ୍ଡ ପିଟିଲେ ବି ଶୁଣିବ କିଏ ? ■



## ପଛେଇ ଚାଲିଛି ଉଚ୍ଚ ଶିକ୍ଷା

ଧାମନଗର ପଦ୍ମ ପାର୍ଟି ନେତା ବିଷ୍ଣୁ ସେଠୀ ଥିଲେ ଜଣେ ଭଲ କବି। ତାଙ୍କ କବିତାରେ ରସ, ବ୍ୟଙ୍ଗ, ଉପମା, ଅଳଙ୍କାର ସବୁକିଛି ଥିଲା। ସମସ୍ତଙ୍କ ସହ ସେ ଭଲ ଭାବରେ ମିଶୁଥିଲେ ଓ ଦଳମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ଭଲ ପାଉଥିଲେ। ମାତ୍ର ବିଷ୍ଣୁ ତନୟ ତଥା ମନ୍ତ୍ରୀ ସୂରଜଙ୍କ କାର୍ଯ୍ୟକଳାପ କୁଆଡ଼େ ଠିକ୍ ବିପରୀତ। ଏ କଥା ଆମେ କହୁନାହୁଁ, ରାମମନ୍ଦିର ଆଖଡ଼ା ନେତାମାନେ ଏପରି ଗପୁଛନ୍ତି; ଉଚ୍ଚଶିକ୍ଷା ବିଭାଗର ଅଧିକାରୀମାନେ କ୍ଲବରେ ଏ ସମ୍ପର୍କରେ ଆଲୋଚନା କରୁଛନ୍ତି। ପୂର୍ବରୁ କଳିଙ୍ଗ ଆଥଲେଟିକ୍ ଟ୍ରାକ୍‌ରେ ମନ୍ତ୍ରୀଙ୍କ ଗାଡ଼ି ବୁଲିବା, ରାଉରକେଲା ହକି ଷ୍ଟାଡ଼ିଅମରେ ନାଚଗୀତ କରାଯିବାକୁ ନେଇ ବିବାଦୀୟ ହୋଇଥିଲେ ସୂରଜ। ସେ କଥା ଲୋକେ ଭୁଲିଯିବା ବେଳକୁ ଏବେ ଉଚ୍ଚଶିକ୍ଷା ବିଭାଗରେ କେତେକ ବିସଙ୍ଗତି ବିଭାଗର ଭାବମୂର୍ତ୍ତି କ୍ଷୁର୍ଣ୍ଣ କରିଛି। ସରକାରରେ କିଛି ଅପାଠୁଆ ମନ୍ତ୍ରୀ ତାଙ୍କ ବିଭାଗକୁ ଠିକଠାକ୍ ଚଳାଇଥିବାବେଳେ ପାଠପଢୁଆ ସୂରଜ ଉଚ୍ଚଶିକ୍ଷା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ଠିକ୍ ଚଳାଇ ପାରୁନାହାନ୍ତି ବୋଲି କୁହାଯାଉଛି। ଜଣେ ମନ୍ତ୍ରୀ ଭାବରେ ଉଚ୍ଚଶିକ୍ଷାର ବିକାଶ କ୍ଷେତ୍ରରେ ଯେପରି ଦାୟିତ୍ୱବାନ ହେବା କଥା, ସୂରଜଙ୍କଠାରେ କୁଆଡ଼େ ସେପରି ଲକ୍ଷଣ ଦେଖାଯାଉ ନାହିଁ। ଗୋଟିଏ ନିର୍ଦ୍ଦିଷ୍ଟ ସଂସ୍ଥା ଜରିଆରେ ପଣେ ଟ୍ରେନି ଅଫିସର ନିଯୁକ୍ତିକୁ ନେଇ ଉଚ୍ଚଶିକ୍ଷା ବିଭାଗ ବିବାଦର କାଠଗଡ଼ାରେ ଠିଆ ହୋଇଥିଲେ ହେଁ ମନ୍ତ୍ରୀ ନିରବରେ ବସିଛନ୍ତି। ମନ୍ତ୍ରୀଙ୍କ ବିନା ସମ୍ମତିରେ ଏପରି ନିଷ୍ପତ୍ତି ନିଆଯାଇଥିବ ବୋଲି କେହି ବିଶ୍ୱାସ କରିପାରୁ ନାହାନ୍ତି। ସେମିତି ଯୁକ୍ତ ଦୁଇ ପରୀକ୍ଷା ଫଳ ବାହାରିବା ପୂର୍ବରୁ ଯୁକ୍ତ ତିନି ନାମଲେଖା ଆବେଦନ ଅବଧି ଶେଷ ପ୍ରସଙ୍ଗକୁ ନେଇ ସରକାରଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଆଉ କେଇଦିନ ପରେ ସରକାରଙ୍କୁ ବର୍ଷେ ପୂରିବ, ଅଫିସରଙ୍କୁ ଡ଼ାକି ମନ୍ତ୍ରୀ ସୂରଜ ଏହାର ଅନୁଧ୍ୟାନ କଲେଣି କି ? ■



## ଚାହୁଁ ଚାହୁଁ ଗଲା ବରଷେ...

ସୁରେଶ ପୂଜାରୀ ହେଉଛନ୍ତି ପଦ୍ମ ଦଳର ପୁରୁଖା ଆଉ ଅନୁଭବୀ ନେତା। ଦଳ ଓ ସଙ୍ଗଠନରେ ତାଙ୍କର ଅଭିଜ୍ଞତା ବି ପ୍ରଚୁର। ହେଲେ ତାଙ୍କର ବଡ଼ ସମସ୍ୟାଟି ହେଉଛି ରୋକଠୋକ୍ କଥା। ସେଥିପାଇଁ ତାଙ୍କର ବନ୍ଧୁ ସଂଖ୍ୟାଠାରୁ ଶତ୍ରୁ ସଂଖ୍ୟା ବେଶୀ ବୋଲି ସେ ନିଜେ ସ୍ୱୀକାର କରନ୍ତି। ରାଜ୍ୟରେ ପଦ୍ମ ଦଳର ଅପ୍ରତ୍ୟାଶିତ ସଫଳତା ପରେ ତାଙ୍କ ମୁଣ୍ଡରେ ସୁନା କଳସ ଢ଼ଳା ହେବ ବୋଲି କେହିକେହି କହୁଥିଲେ। ହେଲେ ଶେଷରେ ସୁରେଶଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ପଦରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ବର୍ଷକର ବାଉନ ସପ୍ତାହରୁ ୟା ଭିତରେ ପଚାଶ ସପ୍ତାହ ବିତିଗଲାଣି; କିନ୍ତୁ ମନ୍ତ୍ରୀ ସୁରେଶଙ୍କ ଘୋଷିତ ଗୋଟିଏ ବି ପ୍ରସ୍ତାବ ସରକାର କାର୍ଯ୍ୟକାରୀ କରିପାରି ନାହାନ୍ତି। ଜବରଦଖଲକାରୀଙ୍କ ଘର ଉପରେ ବୁଲ୍‌ଡ଼ୋଜର ଚଳାଇବାକୁ ସୁରେଶଙ୍କ ଘୋଷଣା କେଉଁଠି ଅଟକି ଯାଇଛି ତାହା କେହି ବୁଝି ପାରୁନାହାନ୍ତି। ଜବରଦଖଲକାରୀଙ୍କୁ ହଟାଇବାକୁ ସୁରେଶଙ୍କୁ ବୁଲଡ଼ୋଜର ମିଳୁନାହିଁ ନା ବୁଲଡ଼ୋଜର ଚଳାଇବାକୁ ଡ୍ରାଇଭର ମିଳୁନାହାନ୍ତି ତାହା କେବଳ ସେ ହିଁ ଜାଣନ୍ତି। ଯାଜପୁର ଜିଲାର ନରସିଂହପୁର ପଞ୍ଚାୟତରେ ସରକାରୀ ରାସ୍ତାକୁ ଜବରଦଖଲ କରି ପକ୍କାଘର, ପାଇଖାନା ନିର୍ମାଣ କରିଥିବା ନେଇ ଜିଲ୍ଲାପାଳଙ୍କଠାରୁ ରାଜସ୍ୱ ସଚିବଙ୍କ ପାଖରେ ହୋଇଥିବା ଅଭିଯୋଗ କୁଆଡ଼େ ହଜିଗଲା ତାହାର ପତ୍ତା ମିଳୁନାହିଁ। ଏବେ ପୁଣି ଭୂମିହୀନଙ୍କୁ ୪ ଡ଼ିସିମିଲି ଜମି ଦେବାକୁ ମନ୍ତ୍ରୀ ଘୋଷଣା କରିଛନ୍ତି। ପୂର୍ବ ସରକାରଙ୍କ ଜାଗା ମିଶନରେ ଯେଉଁମାନଙ୍କୁ ସୂଚୀଭୁକ୍ତ କରାଯାଇଥିଲା, ସେମାନଙ୍କୁ ବର୍ଷକ ମଧ୍ୟରେ ସରକାର ଖଣ୍ଡେ ପଟ୍ଟା ଦେଇ ପାରିଲେ ନାହିଁ। ରାଜ୍ୟର ଲକ୍ଷାଧିକ ଭୂମିହୀନଙ୍କୁ ଚାରି ଡ଼ିସିମିଲି ଜମି ପୂଜାରୀବାବୁ ସତରେ ଦେବେ ତ ? ■



## ଆପଣା ହସ୍ତେ ଜିହ୍ୱାଚ୍ଛେଦୀ

ଆମର ଓଡ଼ିଆରେ ଗୋଟିଏ କଥା ଅଛି- ଆପଣା ହସ୍ତେ ଜିହ୍ୱା ଛେଦୀ, କେ ଅଛି ତାର ପ୍ରତିବାଦୀ। ରାଜ୍ୟର ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ରଙ୍କ କ୍ଷେତ୍ରରେ ଏହା କୁଆଡ଼େ ଶତ ପ୍ରତିଶତ ପ୍ରଯୁଜ୍ୟ ବୋଲି ଅନେକ କହୁଛନ୍ତି। ପଦ୍ମ ଦଳର ପୁରୁଖା ନେତା କୁହାଯାଉଥିବା ପାତ୍ର ଆଜ୍ଞା ଏମିତିସେମିତି ଲୋକ ନୁହନ୍ତି। ଏକାଧାରରେ ସେ ଜଣେ ବିଜ୍ଞାନୀ ଓ ଆଇନଜ୍ଞ। ବିଜ୍ଞାନ ଶିକ୍ଷା ଲାଭ କରିଥିବାରୁ ତାଙ୍କ ଉପରେ ବୈଷୟିକ ଜ୍ଞାନକୌଶଳ ପରି ବିଭାଗର ଦାୟିତ୍ୱ ବି ନ୍ୟସ୍ତ ହୋଇଛି। ମାତ୍ର ଆବଶ୍ୟକତାରୁ ଅଧିକ କଥା କହୁଥିବା ପରି ଏକ 'ଆଳୁ ଦୋଷ'ରେ ପାତ୍ର ଆଜ୍ଞା ପୀଡ଼ିତ ବୋଲି ଢ଼େଙ୍କାନାଳିଆ ପଦ୍ମ କର୍ମୀମାନେକହୁଥିବା ଆମ କାନରେ ବାଜିଛି। ରାଜ୍ୟରେ ଡ଼ବଲ ଇଞ୍ଜିନ ସରକାର ବର୍ଷକ ମଧ୍ୟରେ ଯେଉଁ କେତେକ ନେତାଙ୍କ ପାଇଁ ଲୋକଙ୍କ ବିଶ୍ୱାସ ହରାଇଛି ଓ ସମାଲୋଚନାର ଶିକାର ହୋଇଛି; ସେଇ ନେତାଙ୍କ ମଧ୍ୟର ପାତ୍ର ଆଜ୍ଞା ଜଣେ ବୋଲି ଗୋଟାଏ ରିପୋର୍ଟ କୁଆଡ଼େ ଦିଲ୍ଲୀରେ ପହଞ୍ଚିଛି। ଅନ୍ୟଦଳରୁ ଆମଦାନୀ ହୋଇ ପଦ୍ମପାର୍ଟିର ନୟନପିତୁଳା ପାଲଟିଥିବା ଜଣେ ସାଂସଦଙ୍କ ସୂତ୍ରରୁ ଏହି ଖବର ରାଜ୍ୟବ୍ୟାପୀ ପ୍ରସାରିତ ହୋଇଛି। ନିଜ ବଡ଼ବୋଲା ପଣ ପାଇଁ କୃଷ୍ଣଚନ୍ଦ୍ରଙ୍କୁ ଆଗାମୀ ଦିନରେ ମନ୍ତ୍ରୀ ପଦ ହରାଇବାକୁ ପଡ଼ିପାରେ ଓ କୃଷ୍ଣଚନ୍ଦ୍ରଙ୍କ ସ୍ଥାନରେ ମଦନମୋହନଙ୍କ ସୁପୁତ୍ର ମାନସକୁମାରଙ୍କୁ ମନ୍ତ୍ରୀ କରାଯାଇ ଯୋଗାଣ ବିଭାଗ ଅର୍ପଣ କରାଯିବ ବୋଲି ସାନ୍ଧ୍ୟ ଦରବାରରେ ସାଂସଦ ନିଜର କିଛି ଅନୁଗତଙ୍କୁ କହୁଥିବା ଶୁଣିବାକୁ ମିଳିଛି। କୃଷ୍ଣଚନ୍ଦ୍ର ମନ୍ତ୍ରୀ ପଦରୁ ବାଦ ପଡ଼ିବା ଓ ମାନସକୁମାର ମନ୍ତ୍ରୀ ହେବା ଚର୍ଚ୍ଚାରେ କେତେ ସତ୍ୟତା ଅଛି ଆମକୁ ଜଣାନାହିଁ। ହେଲେ ଗଲା କିଛିଦିନ ହେଲା ଢ଼େଙ୍କାନାଳରେ ଘଟି ଚାଲିଥିବା ଘଟଣାକ୍ରମ କୃଷ୍ଣଚନ୍ଦ୍ରଙ୍କ ରାଜନୈତିକ ଯାତ୍ରାପଥକୁ କର୍ଦ୍ଦମାକ୍ତ କରି ଦେଇଥିବା କାହାକୁ ଅଛପା ନାହିଁ। ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।